ନିତିଦିନ NITIDIN
# ନଜର
ରବିବାର ମ୍ୟାଗାଜିନ୍ | ରବିବାର, ୨୯ ସେପ୍ଟେମ୍ବର, ୨୦୨୪
THE SUNDAY SECTION OF NITIDIN

• ମନୋରଞ୍ଜନ



## ମହାକାବ୍ୟ ଦ୍ୱାରା ପ୍ରେରିତ ଅଜୟଙ୍କ ଚରିତ୍ର




## 'ଭାଗ୍ୟରେଖା'ରେ ରୋମାଞ୍ଚକର ମୋଡ଼



## ପ୍ରଥମ ଏଆଇ ଓଡ଼ିଆ ଭିଡିଓ

# ପୂଜା..ମଜା..ସଜା



# ସ୍ୱାମୀ ବିବେକାନନ୍ଦ

୭

■ ମନୋଜ କୁମାର ମହାପାତ୍ର



ଯୁବକ ନରେନ୍ଦ୍ରଙ୍କର ଥିଲା କ୍ରିଡାବିତ୍‌ର ଚେହେରା। ସୁନ୍ଦର ମାଂସପେଶୀ ଦ୍ୱାରା ଗଠିତ ବଳିଷ୍ଠ ଶରୀର। ମୁଖମଣ୍ଡଳରେ ଉଙ୍କି ମାରୁଥିଲା ସର୍ବଦା ସହୃଦୟତାର ହସ। ସେ ଥିଲେ ଜଣେ ଦାର୍ଶନିକ ସ୍ୱଭାବର ମଣିଷ, କିନ୍ତୁ ଶ୍ରୀ ରାମକୃଷ୍ଣ ଭରିଦେଲେ ପ୍ରେମ ଓ ଭକ୍ତି। ଦାର୍ଶନିକ ଜ୍ଞାନୀର ଚେହେରା ଭିତରେ ପ୍ରେମଭକ୍ତିର ଉତ୍ତାଳ ତରଙ୍ଗ ସୃଷ୍ଟିହେଲା। ଶେଷରେ ସେ ମାନିନେଲେ ସାକାର ରୂପକୁ, ପ୍ରେମ-ଭକ୍ତିର ସୁଧାରସକୁ ଏବଂ ସାଜିଲେ ସର୍ବଶ୍ରେଷ୍ଠ ଭକ୍ତ। ଶ୍ରୀରାଧା ଦର୍ଶନ ମାଧ୍ୟମରେ ଶ୍ରୀ ରାମକୃଷ୍ଣ ଯୁବକ ନରେନ୍ଦ୍ରଙ୍କୁ ଚେତାଇ ଦେଲେ ଯେ, ଭଗବାନଙ୍କୁ ନାନା ଭାବରେ ଭଲ ପାଇବାକୁ ହୁଏ। କାରଣ ସେ ଏକ ହେଲେ ବି ବହୁରୂପେ ସାଧ୍ୟ ଓ ପ୍ରାପ୍ୟ। ବିରାଟକୁ କ୍ଷୁଦ୍ରଭାବେ ଦେଖ ନାହିଁ। ସମୁଦ୍ରକୁ ଘଟର ଆଧେୟ ବୋଲି ମନେ କରନାହିଁ। ଅନୁଭୂତିର ଗାମ୍ଭୀର୍ଯ୍ୟ, ବୈଚିତ୍ର୍ୟ ଓ ସ୍ୱାଚ୍ଛନ୍ଦ୍ୟ ଆବଶ୍ୟକ। ପ୍ରେମ ନ ହେଲେ ପୂର୍ଣ୍ଣତା ପ୍ରାପ୍ତି ହୁଏନାହିଁ। ପୂର୍ଣ୍ଣ ନହେଲେ ପୂର୍ଣ୍ଣକୁ କିପରି ପାଇବ ? ଯୁବକ ନରେନ୍ଦ୍ରଙ୍କୁ ପୂର୍ଣ୍ଣ କରିବା ପାଇଁ ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ।

ନରେନ୍ଦ୍ରଙ୍କୁ ଦେଖିବା ଦିନଠାରୁ ସେ ଜାଣିପାରିଛନ୍ତି ଯେ, ଏଇ ହେବ ତାଙ୍କର ସ୍ତମ୍ଭିତ ବେଦନାର ମୁକ୍ତି ପ୍ରବାହ। ଏହି ଯୁବକ ନେଇଯିବ ନବ ଭଗୀରଥ ଭଳି ଶଙ୍ଖ ନିନାଦେ ତାଙ୍କ ପ୍ରେମର ଗଙ୍ଗାଧାର ଦିଗଦିଗାନ୍ତରକୁ, ଦେଶ ଦେଶାନ୍ତରକୁ। କେବଳ ମୁକ୍ତିର ସଂକେତ ନୁହେଁ - ସେ ତ ଶାସ୍ତ୍ରରେ ଅଛି - ଏହି ଯୁବକ ନେଇଯିବ ଏ ଧରାର ଦୁଃଖ ଜର୍ଜରିତ ଜନତାର ନିକଟକୁ, ଇଶ ହୃଦୟର ପ୍ରେମ ସିବନୀ ଶକ୍ତି ସହସ୍ର ଫେନୀଳ ଧାରାରେ। ଯୁବକ ନରେନ୍ଦ୍ର ଥିଲେ ଶ୍ରୀ ରାମକୃଷ୍ଣଙ୍କର ନୂତନ ଆତ୍ମପ୍ରକାଶ। ସେ କେବଳ ଶିଷ୍ୟ ନୁହେଁ। ସେ ହେବେ, ନିଜ ଆତ୍ମାର ଅଭିବ୍ୟକ୍ତି। ସବୁ ସାଧନାର ଫଳର ସମଷ୍ଟିକୁ ଭରିଦେବେ ଯୁବକ ଭିତରେ। ସବୁ ଦର୍ଶନର ସାରବସ୍ତୁ ମାନିନେଉ ଯୁବକ। କାମିନୀ-କାଞ୍ଚନ ଭଳି ଦୁର୍ଜୟ ଶତ୍ରୁକୁ ପରାଜିତ କରି ଜିଣିଛନ୍ତି ଏକ ବିରାଟ ଆଧ୍ୟାତ୍ମିକ ରାଜ୍ୟ, ସେହି ରାଜ୍ୟର ସୀମାକୁ ନରେନ୍ଦ୍ର, ନିଜର ଉତ୍ତରାଧିକାରୀ ଭାବେ ସମଗ୍ର ପୃଥିବୀରେ ବିସ୍ତାରିତ କରୁ। ତାହାହିଁ ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ, ଯାହା ସ୍ପଷ୍ଟ ରୂପେ ଅଭିବ୍ୟକ୍ତ ହେଲା ୧୮୮୪ ଖ୍ରୀଷ୍ଟାବ୍ଦର ଏକ ନିର୍ଦ୍ଦିଷ୍ଟ ଦିନରେ।

ଶ୍ରୀ ରାମକୃଷ୍ଣ ଦକ୍ଷିଣେଶ୍ୱର ସ୍ଥିତ ନିଜ କୋଠରିରେ ବସି ଈଶ୍ୱରାଳାପରେ ମଜ୍ଜିଥାନ୍ତି। ତାଙ୍କୁ ବେଢ଼ି ବସିଛନ୍ତି ଅନେକ ଭକ୍ତ। ଯୁବକ ନରେନ୍ଦ୍ର ସେଠାରେ ସେଦିନ ଥିଲେ ଉପସ୍ଥିତ। ଆଳାପ କରୁକରୁ ବୈଷ୍ଣବ ଧର୍ମ କଥା ପଡ଼ିଲା। ଶ୍ରୀ ଗୌରାଙ୍ଗଙ୍କର ଧର୍ମମତ ସମ୍ବନ୍ଧରେ କିୟତ୍ ଆଲୋକପାତ କରି ବୈଷ୍ଣବ ଧର୍ମର ମୂଳମନ୍ତ୍ର, 'ଜୀବେ ଦୟା' କହି ହଠାତ୍ ଭାବ ସମାଧିରେ ବୁଡ଼ିଗଲେ। କିଛି ସମୟ ପରେ ଅର୍ଦ୍ଧ ବାହ୍ୟଦଶାରେ ରହି ନିଜକୁ ସମ୍ବୋଧନ କରି କହିଲେ, 'ଜୀବେ ଦୟା ! ଜୀବେ ଦୟା ! ନିର୍ବୋଧ ତୁ। ପୃଥିବୀପୃଷ୍ଠରେ ବିଚରଣ କରୁଥିବା ତୁ ଏକ ନଗଣ୍ୟ ପୋକ। ତୁ ପୁଣି ଅନ୍ୟକୁ ଦୟା କରିବୁ ? ଦୟା ଦେଖେଇବାକୁ ତୁ କିଏ ? ନା-ଏହା ହୋଇପାରେନା। ଜୀବେ ଦୟା ନୁହେଁ, କୁହ, ଶିବ ଜ୍ଞାନରେ ଜୀବ ସେବା।' ନରେନ୍ଦ୍ର ଚମକି ପଡ଼ିଲେ, କି ଚମତ୍କାର ଦର୍ଶନ ସତେ !

ଯୁବକ ନରେନ୍ଦ୍ରଙ୍କର କଣ୍ଠ ଥରି ଉଠିଲା। ଶରୀରର ସମସ୍ତ ଗ୍ରନ୍ଥି କମ୍ପିତ ହେବାକୁ ଲାଗିଲା। ଏକ ନୂତନ ତଥ୍ୟ ଆବିଷ୍କାର କଲେ ଶ୍ରୀ ରାମକୃଷ୍ଣଙ୍କ ମୁଖନିଃସୃତ 'ଶିବ ଜ୍ଞାନେ ଜୀବ ସେବା' କେଇପଦ ଶବ୍ଦ ମଧ୍ୟରୁ। ମାନବର ଆବେଗ ଗୁମ୍ଫିତ ଚିନ୍ତାର ଅସଂଗତ ବୋଲି ପରିଚିତ ଶୁଷ୍କ ଓ କଠୋର ବେଦାନ୍ତ ଜ୍ଞାନକୁ ଭକ୍ତିର ଆନନ୍ଦରସ ସହ ଅତି ସୁନ୍ଦରଭାବେ ମିଶ୍ରଣ କରି ଦେଇପାରିଲେ କିପରି ? ଆହା କି ଚମତ୍କାର ବଳିଷ୍ଠ ଦର୍ଶନ ! ବେଦାନ୍ତ ଜ୍ଞାନ ଉପଲବ୍ଧି ପାଇଁ ସାଧକ ସଂସାର ତ୍ୟାଗ କରେ ଏବଂ ନିଜର ଭାଇବନ୍ଧୁ, କୁଟୁମ୍ବକୁ ଆଧ୍ୟାତ୍ମିକ ପଥର ପ୍ରତିବନ୍ଧକ ଭାବି ପଳାୟନ କରେ ଅରଣ୍ୟକୁ। ଏହା କ'ଣ ଜଘନ୍ୟ ସ୍ୱାର୍ଥପରତା ନୁହେଁ ? ଆଜି ମୋର ଚକ୍ଷୁ ଉନ୍ମିଳୀତ। ଶିବ ଜ୍ଞାନେ ଜୀବ ସେବା ଦର୍ଶନରେ ଭରି ରହିଛି ବେଦାନ୍ତ ଜ୍ଞାନ। ଅରଣ୍ୟକୁ ଗମନ କରିବାର ଆବଶ୍ୟକତା ନାହିଁ। କୋଟି କୋଟି ଜନତା ଯିଏ ଯେଉଁ ସ୍ତରରେ ଥାଆନ୍ତୁ, ଯିଏ ଯେଉଁ ପେସାରେ ରହିଥାନ୍ତୁ, ଯିଏ ଯେଉଁ ଭାବରେ ରହିଥାନ୍ତୁ, ସମସ୍ତେ ଏକ ଈଶ୍ୱରଙ୍କର ଅଂଶ ସ୍ୱରୂପ। ସେହି ଈଶ୍ୱର ଜଗତ ହୋଇଛନ୍ତି, ସେହି ଈଶ୍ୱର ହୋଇଛନ୍ତି ଜୀବ। 'ତ୍ୱଂ ସ୍ତ୍ରୀ ତ୍ୱ ପୁମାନସି ତ୍ୱଂ କୁମାର ଉତ ବା କୁମାରୀ, ତ୍ୱଂ ଜୀର୍ଣ୍ଣୋ ଦଣ୍ଡେନ ବ ସି, ତ୍ୱଂ ଜାତୋ ଭବସି ବିଶ୍ୱତୋମୁଖଃ।' ତୁମେ ସ୍ତ୍ରୀ, ତୁମେ ପୁରୁଷ, ତୁମେ ବାଳକ, ତୁମେ ବାଳିକା, ତୁମେ ବୃଦ୍ଧ ବାଡ଼ିଭରା ଦେଇ ବୁଲୁଅଛ, ତୁମେ ଜଗତରେ ଜନ୍ମଗ୍ରହଣ କରିଛ। ତୁମେ ଏହିସବୁ। ତୁମେ କି ଅଦ୍ଭୁତ ଜୀବନ୍ତ ଈଶ୍ୱର ସତେ ? (କ୍ରମଶଃ)

**ମୋ-୯୯୩୭୨୯୭୦୩୯**

# ମହାତ୍ମା ! ନିଅ ଭକ୍ତି, ପ୍ରେମ, ଲୁହର ଅଞ୍ଜଳି....

ମହାତ୍ମାଜୀ ! ଅତୀତର ସ୍ୱର୍ଣ୍ଣାଭ ଦିନମାନଙ୍କରେ ଆମ ପ୍ରାଚୀନ ଉତ୍କଳ: ନାନକ, ଶଙ୍କରାଚାର୍ଯ୍ୟ, ଶ୍ରୀଚୈତନ୍ୟଙ୍କ ଭଳି ବିଶ୍ୱଗୁରୁମାନଙ୍କୁ ସସମ୍ମାନେ ପାଛୋଟି ଆଣିଛି। ଆମେ ସେହି ଉତ୍କଳର ହତଭାଗ୍ୟ ଦାୟାଦମାନେ ଆଜି କେବଳ ଆପଣଙ୍କୁ ହୃଦୟଭରା କୃତଜ୍ଞତା ଜଣାଉଛୁ। ଆପଣଙ୍କ ନିକଟରେ ବାଢ଼ି ଦେଉଛୁ ଆମ ଭକ୍ତିର.... ପ୍ରେମର...ଲୁହର ଅଞ୍ଜଳି....।



୧୯୨୭ ଡିସେମ୍ବର ୨୦ରେ କଟକ ପୌରପାଳିକା ପକ୍ଷରୁ ଏହି ମର୍ମରେ ଭବ୍ୟ ଉଚ୍ଛ୍ୱସିତ ହାର୍ଦ୍ଦିକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ବାପୁଜୀଙ୍କୁ। ପୌରପାଳିକାର ତତ୍କାଳୀନ ସଭାପତି ଓ କମିସନରମାନଙ୍କ ପକ୍ଷରୁ ମହାତ୍ମାଙ୍କୁ ସମ୍ବର୍ଦ୍ଧିତ କରାଯିବା ଅବସରରେ ଯେଉଁ ମାନପତ୍ର ପାଠ ଓ ପ୍ରଦାନ କରାଯାଇଥିଲା ତାହା ଥିଲା ସତରେ ଅନନ୍ୟ ଓ ଅନୁପମ, ଅନେକ ଦୃଷ୍ଟିରୁ। ସେଥିରେ ଲେଖାଥିଲା, ଉତ୍କଳ ଦେଶର ଏକ ପ୍ରାଚୀନ ମହାନଗରୀ ଧ୍ୱଂସାବଶେଷକୁ ପରିଦର୍ଶନ କରିବାକୁ ଆସିଥିବା ମହାତ୍ମାଜୀ। କଟକ ନଗରୀର ସମସ୍ତ ନାଗରିକ ଓ ଟିକସଦାତାଙ୍କ ପକ୍ଷରୁ ଆପଣଙ୍କୁ ସସମ୍ମାନ ସ୍ୱାଗତ। କ'ଣ ବା ଦେଇପାରିବୁ ଆମେ ଆପଣଙ୍କୁ ? ଦେବତା ଓ ପବିତ୍ର ପାଗୋଡାମାନଙ୍କ ଭୂମି କୁହାଯାଉଥିବା ଏ ଉତ୍କଳ ଦେଶରେ ଏବେ କେବଳ କଙ୍କାଳ ହିଁ ତ ଆପଣଙ୍କ ଦୃଷ୍ଟିରେ ପଡୁଥିବ। ସାହସ ଓ ବୀରତ୍ୱର ପ୍ରତୀକ ବୋଲାଉଥିବା ଏ ମାଟିର ସନ୍ତାନମାନେ ଏବେ କିପରି ଶକ୍ତି ଓ ଉତ୍ସାହ ହରାଇ ବସିଛନ୍ତି ତାହା ହିଁ ତ ଆପଣଙ୍କ ନଜରରେ ଦିଶୁଥିବ। ବଜ୍ରକଠିନ ପଥରରେ କଳାର କୋଣାର୍କ ଗଢ଼ିତୋଳି ତାହାକୁ ଜୀବନ୍ୟାସ ଦେଇପାରୁଥିବା ଏମାଟିର ସ୍ଥପତି ଓ ଭାସ୍କର ଶିଳ୍ପୀମାନଙ୍କ ପ୍ରାଣପ୍ରାଚୁର୍ଯ୍ୟ କେମିତି ନିଃଶେଷ ହୋଇଯାଉଛି ତାହା ହିଁ ଆପଣଙ୍କ ନଜରରେ ପଡୁଥିବ। ତେବେ ଉତ୍କଳମାତା ପାଇଁ ପ୍ରକୃତି କେବଳ ନିଷ୍ଠୁର ଓ କ୍ରୂର ହେବା ଯୋଗୁଁ ଏପରି ଘଟିନାହିଁ। ବରଂ ପାଶ୍ଚାତ୍ୟ ବସ୍ତୁବାଦୀ ସଭ୍ୟତା ଯୋଗୁଁ ଏପରି ଘଟିଛି। କଳକାରଖାନା ଓ ଯନ୍ତ୍ରପାତିର ଜାନ୍ତବ ଆଁ ଭିତରେ; ଆମ ଉତ୍କଳର ସବୁ କୁଟୀର ଶିଳ୍ପ, ହସ୍ତକଳା, ହସ୍ତଶିଳ୍ପ, ଯେଉଁଥିପାଇଁ ଉତ୍କଳ ପ୍ରସିଦ୍ଧ ଆଜି ହଜିଯିବାକୁ ବସିଛି।

ମହାତ୍ମାଜୀ ! ଭାରତମାତାର ସବୁ ସନ୍ତାନ ନିଜ ଦେହ ଢ଼ାଙ୍କିବାକୁ ପୋଷାକ ପାଆନ୍ତି ନାହିଁ ବୋଲି ଜାଣି ଆପଣ ଆଣ୍ଠୁ ନଲୁଚା ଖଦୀ ଧୋତି ଓ ଅଧା ପୋଷାକ ଖଦୀ ଚାଦରକୁ ବରି ନେଇଛନ୍ତି। ଉତ୍କଳର ସନ୍ତାନମାନଙ୍କ ହାଲତ ଦେଖନ୍ତୁ, ଆହୁରି ଦର୍ବିଷସ। ଆପଣ ଯେ ଏ ଗରିବ ମାନଙ୍କୁ ଅତି ପାଖରୁ, ନିଜ ଆଖିରେ ଦେଖିବାକୁ ଆସିଛନ୍ତି, ଏକଥା ଆମ ହୃଦୟକୁ ଦ୍ରବୀଭୂତ କରୁଛି। ଉତ୍କଳର ଦାରିଦ୍ର୍ୟ ଆପଣଙ୍କୁ ସ୍ୱପ୍ନରେ ବି ବିଚଳିତ କରୁଥିବା କଥା ଯାହା ଆପଣ କହିଛନ୍ତି, ତାହା ଆମ ପାଇଁ ବଡ଼ ସାନ୍ତ୍ୱନା ବନ୍ୟା ଓ ମରୁଡ଼ି କ୍ଲିଷ୍ଟ ଏ ଦେଶର ଅଗଣିତ ବୁଭୁକ୍ଷୁ ସନ୍ତାନଙ୍କ ପାଇଁ ସବୁଠୁ ବଡ଼ ଆଶ୍ୱାସନା। କ'ଣ ବା ଦେଇପାରିବୁ ଆମେ ଆପଣଙ୍କୁ ? ଜଣାଉଛୁ କେବଳ ହୃଦୟଭରା କୃଜ୍ଞତା। ହେ ମହାତ୍ମା ! ନିଅ ଆମ ଭକ୍ତିର, ଭଲପାଇବାର, ଲୁହର ଅଞ୍ଜଳି....। ଇତିହାସ କହେ, ସେ ଦିନ ଅପରାହ୍ଣ ପାଞ୍ଚଟା ୩୦ରେ ପୌରସଂସ୍ଥା ପରିସରରେ ପ୍ରାୟ ୫ହଜାର ଜନସମାଗମକୁ ଉଦ୍‌ବୋଧନ ଦେଇଥିଲେ ବାପୁଜୀ। ପରେ ପଣ୍ଡିତ କୃତ୍ତିବାସ ନନ୍ଦ ମାନପତ୍ର ପଢ଼ିଥିଲେ। ଏକ ସୁସଜ୍ଜିତ ବାକ୍ସରେ ମାନପତ୍ରକୁ ସଜାଇ ରଖି ମହାତ୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପୁରୁଷ ସିଂହ ଗାନ୍ଧି : ଐତିହାସିକମାନଙ୍କ ମତରେ ଗାନ୍ଧିଙ୍କ ଉପରେ ପ୍ରଥମ ଓଡ଼ିଆ ଆଲେଖ୍ୟ ବା ରଚନା ସମ୍ଭବତଃ ଥିଲା 'ପୁରୁଷସିଂହ ଗାନ୍ଧି'। ୧୯୧୬ରେ ଉତ୍କଳ ସାହିତ୍ୟରେ ଏହାର ସଂପାଦକ ବାଗ୍ମୀ ବିଶ୍ୱନାଥ କର ଗାନ୍ଧିଙ୍କୁ 'ନର ଦେବତା' ରୂପେ ଅଖ୍ୟାୟିତ କରି ତାଙ୍କ ଫଟୋ ସହ ଏହି ଲେଖାଟି ଛାପିଥିଲେ।

ପଖାଳକୁ ପ୍ରଶଂସା : ହରିଜନ ପଦଯାତ୍ରା ବେଳେ ଓଡ଼ିଆ କର୍ମୀମାନେ ବଳି ପଡ଼ିଥିବା ପଖାଳ କରି ଖାଉଥିବାର ଦେଖି ବାପୁଜୀ ବେଶ ଖୁସି ହୋଇଥିଲେ। ବଳକା ଖାଦ୍ୟ ଜିନିଷ ନଷ୍ଟ ନକରି ସଦ୍‌ବ୍ୟବହାର କରାଯିବାର ଏହା ଉତ୍କୃଷ୍ଟ ନମୁନା ବୋଲି ସେ ମତ ଦେଇଥିଲେ।

ଓଡ଼ିଆ ପଢ଼ି, ଲେଖି, ବୁଝି ପାରୁଥିଲେ : ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ଲିଖିତ 'ଗାନ୍ଧି ଓ ଉତ୍କଳ'ରୁ ଜଣାପଡ଼େ, ଗାନ୍ଧିଜୀ ଓଡ଼ିଶାରେ ପଦଯାତ୍ରା, ସଭା ସମାବେଶମାନ କରୁଥିବାବେଳେ ହିନ୍ଦୀରେ ଭାଷଣ ଦେଉଥିଲେ। ତାଙ୍କ କଥାକୁ ଓଡ଼ିଆରେ ଅନୁବାଦ କରି ଲୋକଙ୍କୁ ବୁଝାଇ ଦିଆଯାଉଥିଲା। ତାଙ୍କ ଭାଷା ଠିକ୍ ଅନୂଦିତ ହୋଇପାରୁଛି କି ନାହିଁ ତାହା ମଧ୍ୟ ଗାନ୍ଧି ବୁଝିପାରୁଥିଲେ। ଅନୁବାଦ ଯେମିତି ସହଜ ହେବ ସେଥିପାଇଁ ସେ ବେଳେ ବେଳେ କହୁଥିବା ହିନ୍ଦୀ ଶବ୍ଦ ଓ ଭାଷଣର ପୁନରାବୃତ୍ତି କରିଦେଉଥିଲେ। ପ୍ରତିଶବ୍ଦ ବି କହିଦେଉଥିଲେ। ଓଡ଼ିଆ ଅନୁବାଦ ଶୁଣି ଶୁଣି ସେ ପ୍ରାୟତଃ ଓଡ଼ିଆ ବୁଝିପାରୁଥିଲେ। ଐତିହାସିକ ଡକ୍ଟର ବିରାଜ ମୋହନ ଦାସଙ୍କ ମତରେ, ଓଡ଼ିଶାରେ ରହିବା ଭିତରେ ବାପୁଜୀ ଓଡ଼ିଆ ବର୍ଣ୍ଣମାଳା ମଧ୍ୟ ଶିଖିଯାଇଥିଲେ। ଆଗରୁତ ବୁଝୁଥିଲେ। ଛବିଳ ମଧୁ ବର୍ଣ୍ଣବୋଧରୁ ଶିଖି ଶିଖି ସେ ଓଡ଼ିଆ ପଢ଼ିବା ସହ ଲେଖିବାରେ ବି ସମର୍ଥ ହୋଇପାରଥିଲେ।


**ଡ.ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**



# ପୂଜା..ମଜା..ସଜା

**ଚାଲିଛି ପାର୍ବଣର ଋତୁ। ପଛକୁ ପଛ ହୋଇ ପଡୁଛି ବିଭିନ୍ନ ପର୍ବପର୍ବାଣୀ। ବାରମାସରେ ତେର ପର୍ବ ପାଳନ କରୁଥିବା ଓଡ଼ିଆଙ୍କ ପାଇଁ ପାର୍ବଣ ଆସିଲେ, ଆନନ୍ଦ କହିଲେ ନସରେ ! ରାଜ୍ୟର ବିଭିନ୍ନ ସ୍ଥାନରେ ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହେବ ଦେବଦେବୀଙ୍କ ପୂଜା। ମନଲୋଭା ତୋରଣ ସାଙ୍ଗକୁ ଆଖି ଖୋସି ହୋଇଗଲା ପରି ସାଜସଜ୍ଜାରେ ଚହଟି ଉଠିବ ଆଧ୍ୟାତ୍ମିକ ପରିବେଶ। ଏହାସାଙ୍ଗକୁ ଜମିବ ମେଳା ମହୋତ୍ସବ। ଲୋକେ ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହ ମେଳାର ମଜା ମଧ୍ୟ ନେବେ। ପର୍ବପର୍ବାଣୀ ଓଡ଼ିଆ ଜନଜୀବନ ସହିତ ଜଡ଼ିତ ହୋଇଯାଇଥିବାରୁ କି ଧନୀ କି ଗରିବ, କେହି ମେଳା ବୁଲିବାର ସୁଯୋଗକୁ ହାତଛଡ଼ା କରି ନଥାନ୍ତି। ପାର୍ବଣ ଋତୁରେ ଗାଁରୁ ସହର ଯାଏ ଲାଗି ରହିଛି ମେଳା ମହୋତ୍ସବ। ରଙ୍ଗବେରଙ୍ଗର ଆଲୋକମାଳା, ବାଣ ଓ ଆତସବାଜି, ତୋରଣରେ ଚମକି ଉଠିବ ପୂଜାସ୍ଥଳୀ। ଏହା ସହିତ ମେଳାକୁ ରଙ୍ଗିନ କରିବାକୁ ରାମଦୋଳି, ଯାତ୍ରା, ଉଠାଦୋକାନୀଙ୍କ ସହିତ ଖଚାଖଚ୍ ଭିଡ଼ରେ ହଜିଗଲା ପରେ ଲାଗିବ ଯେମିତି ମେଳା ବୁଲିବାର ସାର୍ଥକତା ମିଳିଗଲା। ପୂଜା ସମସ୍ତଙ୍କ ମନରେ ଆନନ୍ଦ ଭରି ଦେଉଥିବାବେଳେ ପାର୍ବଣ ପଛରେ ରହିଥିବା ପୀଡ଼ାକୁ କିନ୍ତୁ ଅନେକ କରିଥାନ୍ତି ଅଣଦେଖା। ପୂଜାର ମଜାମସ୍ତି ମଧ୍ୟରେ ଭୁଲି ଯାଇଥାନ୍ତି, ମେଳାର ଆଳରେ ଲଙ୍ଘିଯାଇଥିବା ସୀମା। ପାର୍ବଣର ମେଳା ଯେତିକି ଆନନ୍ଦ ଦିଏ, ସେତିକି ବି ଦିଏ ତିକ୍ତ ଅନୁଭବ। ମନୋରଞ୍ଜନକୁ ଛାଡ଼ି ଦେଲେ କିଏ ବା ଗୁରୁତ୍ୱ ଦେଉଛି ଜଳ, ଶବ୍ଦ, ବାୟୁ, ଧ୍ୱନି କି ମାନସିକ ପ୍ରଦୂଷଣକୁ, ନା କିଏ ବୁଝିଛି ଟ୍ରାଫିକ ସମସ୍ୟାର କଷ୍ଟ, ନା କିଏ ସମାଧାନ କରିପାରିଛି ପାର୍ବଣ ପରର କୁଢ଼କୁଢ଼ ଆବର୍ଜନା ସମସ୍ୟାକୁ। ସଚେତନ ନାଗରିକ ଭାବରେ ପାର୍ବଣକୁ ପୀଡ଼ା ନୁହେଁ ବରଂ ସାର୍ବଜନୀନ ପାଳନର ପର୍ବ ଭାବରେ ଗ୍ରହଣ କରିନେବା ଓ ସଚେତନ ହେବା...ତାହା ହିଁ ହେବ, ଆମପାଇଁ ମହାପାର୍ବଣ।**

ବର୍ତ୍ତମାନ ଚାଲିଛି ପାର୍ବଣର ପର୍ବ। ବିଭିନ୍ନ ପର୍ବପର୍ବାଣି ଭାରତୀୟ ସଂସ୍କୃତି ସହ ଜଡ଼ିତ ହୋଇ ରହିଥିବାରୁ ଭିନ୍ନ ଭିନ୍ନ ପୂଜାପର୍ବାଣିର ପାଳନ ଦେଖିବାକୁ ମିଳିଛି। କେଉଁଠି ଗଣେଶ ତ, କେଉଁଠି ଦୁର୍ଗା କି କାଳୀ, ତ କେଉଁଠି ଲକ୍ଷ୍ମୀପୂଜା..ଏମିତି ବିଭିନ୍ନ ସ୍ଥାନରେ ବହୁତ ଜାକଜମକରେ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ପାର୍ବଣ ଋତୁରେ ନିଜେ ମଜଗୁଲ ହେବାକୁ ମୂର୍ତ୍ତି ଗଢ଼ି ପୂଜା କରିବା ସହ ଆହୁରି ରଙ୍ଗିନ କରିବାକୁ ତୋରଣ, ଆଲୋକ, ଡ଼ିଜେରେ ଜମୁଛି ମାହୋଲ। ବାଣ ଓ ଆତସବାଜି ମଧ୍ୟ ପାର୍ବଣକୁ ଯୋଡ଼ିଚାଲିଛି ଧୁମ୍‌ଧାମର ମାହୋଲକୁ। ଏସବୁ ମିଶାଇ ଖୁବ୍ ମନୋରଞ୍ଜନର ଫାଇଦା ନେଉଛନ୍ତି ଜନସାଧାରଣ। ଏହି ଆନନ୍ଦ ମଧ୍ୟରେ ଦେଖାଯାଉଥିବା ନିରାନନ୍ଦକୁ କେହି କଣ କେବେ ଉପଲବ୍ଧି କରିଛନ୍ତି ? ଏହା ପଛରେ ବି ମଣିଷ ସମାଜ ପାଇଁ ବିଭିନ୍ନ ପରିବେଶ ପ୍ରଦୂଷଣକାରୀ କାରକ ଶତ୍ରୁ ହୋଇ ଛିଡ଼ା ହୋଇଛନ୍ତି, ଆମେ ଜାଣିଲେ ବି ଅଜ୍ଞତା ରଖି ବିନା ଭ୍ରୁକ୍ଷେପରେ ବାଟ ଚାଲିଛନ୍ତି। ସାଧାରଣ ଅଶିକ୍ଷିତଙ୍କ କଥା ଛାଡ଼ି ଦିଅନ୍ତୁ ଶିକ୍ଷିତମାନେ ବି ଏଥିପ୍ରତି ଆଦୌ ସଚେତନ ନୁହନ୍ତି। ପାର୍ବଣରେ ପୀଡ଼ା ଦେଉଥିବା କେତେକ କାରକ ଶତ୍ରୁ ହୋଇ ଛିଡ଼ା ହୋଇଛନ୍ତି ତାହା ଜାଣିବା ଓ ତାହାର ପ୍ରତିକାର କରିବାର ସମୟ ବର୍ତ୍ତମାନ ଆମ ପାଇଁ। ବେଳ ଥାଉ ଥାଉ ସାବଧାନ ହେବାକୁ ତ ନିଶ୍ଚୟ ପଡ଼ିବ !



## ପୂଜାକୁ କରୁଛି ବେରଙ୍ଗ-

ପାର୍ବଣରେ ମୂର୍ତ୍ତିପୂଜା ପ୍ରାୟ ହିନ୍ଦୁ ସଂସ୍କୃତିରେ ରହିଆସିଛି। ମୂର୍ତ୍ତି ଯେ ଖାଲି ମାଟିରେ ଗଢ଼ା ଯାଇପାରିବନି ତ, ବରଂ ଏହାକୁ ଆଖିଦୃଶିଆ କରିବାକୁ ରଙ୍ଗ ବି ବୋଳିବାକୁ ପଡ଼ିବ। ପୂର୍ବରୁ ଯାହା ହେଉଥିଲା ଏବେ ଯୁଗ ଉନ୍ନତି ହେବା ସହିତ ଅଧିକ ସରସ, ସୁନ୍ଦର କରିବାକୁ ବିଭିନ୍ନ ରାସାୟନିକ ରଙ୍ଗର ବ୍ୟବହାର ଆହୁରି ଦୁର୍ବିସହ ହୋଇପଡ଼ିଛି। ରାସାୟନିକ ରଙ୍ଗ ପ୍ରସ୍ତୁତରେ ବ୍ୟବହାର ହେଉଥିବା ଭାରୀ ଧାତୁ ଯଥା ସୀସା, ପାରଦ, ଜିଙ୍କ୍, ମାଙ୍ଗାନିଜ, କ୍ରୋମିୟମ ଆଦି ମାରାତ୍ମକ ହୋଇପଡ଼ିଛି ମଣିଷ ସମାଜ ପାଇଁ। ଏହା ଜଳରେ ଦ୍ରବୀଭୂତ ସହଜରେ ହୋଇଥାଏ। ଏହି ଜଳ ବା ଜଳୀୟବାଷ୍ପକୁ ଖାଦ୍ୟଶୃଙ୍ଖଳର ସଂସ୍ପର୍ଶରେ ଆସୁଥିବା ଜୀବ ଜଗତ ସହିତ ମଣିଷ ବି ସାଙ୍ଘାତିକ ରୋଗରେ ଶିକାର ହୋଇଥାଏ। କେବେ କେବେ ମଣିଷ ଜଳ ସହିତ ପ୍ରତ୍ୟେକ୍ଷ ତ କେତେବେଳେ ପରୋକ୍ଷ ସଂସ୍ପର୍ଶରେ ଆସି ଦୂଷିତ ଜଳ ବ୍ୟବହାର କରିବାକୁ ବାଧ୍ୟ ହୁଏ। ଯଦି ଜାଣି ସୁଦ୍ଧା ଏହି ଦୂଷିତ ଜଳ ବ୍ୟବହାରରୁ ବିରତ ହୁଏ, ଖାଦ୍ୟ ଶୃଙ୍ଖଳର ଶୀର୍ଷରେ ରହୁଥିବାରୁ ନିଜ ଅଜାଣତରେ ଏହି ରାସାୟନିକ ପଦାର୍ଥ ବ୍ୟବହାର କରିଥାଏ। ଫଳରେ କର୍କଟ ଓ ଅନ୍ୟାନ୍ୟ ମାରାତ୍ମକ ରୋଗର ଶିକାର ହୋଇଥାଏ। କେବଳ ଏତିକି ନୁହେଁ ଖାଦ୍ୟ ଶୃଙ୍ଖଳରେ ଗୋଟିଏ ଆଉ ଏକ ମାଧ୍ୟମ ଉପରେ ନିର୍ଭରଶୀଳ ହୋଇଥାଏ । ଏହାଦ୍ୱାରା ପ୍ରତ୍ୟେକସ୍ତରର ଜୀବଜନ୍ତୁ ମଧ୍ୟ ମାରାତ୍ମକ ରୋଗର ଶିକାର ହେବା କିଛି ନୂଆ ନୁହେଁ।



## ପୂଜା ଆବର୍ଜନା ବଢ଼ାଉଛି ଚିନ୍ତା-

ପାର୍ବଣ ପାଇଁ କେବଳ କାଦୁଅ କି ମାଟିର ମୂର୍ତ୍ତି ନୁହେଁ, ଅନେକ ପ୍ରକାର ଜୈବିକ ପଦାର୍ଥର ସାହାଯ୍ୟ ନେବାକୁ ପଡ଼ିଥାଏ। ପୂଜାରେ ବ୍ୟବହାର କରାଯାଉଥିବା ଫୁଲ, ଧୂପ, କର୍ପୂର ଆଦି ପାଣିରେ ମିଶିବା ଦ୍ୱାରା ପଚିସଢ଼ି ବ୍ୟାକ୍ଟେରିଆଙ୍କର ଆଶାତୀତ ବୃଦ୍ଧି ଘଟିଥାଏ। ଏହା ଆବଶ୍ୟକୀୟ ପରିମାଣରୁ ଅଧିକ ହେବା ଫଳରେ ଜଳରେ ଅମ୍ଳଜାନ ପରିମାଣ କମ୍ ହୋଇଥାଏ। ଏହି ବ୍ୟାକ୍ଟେରିଆମାନେ ଜଳରୁ ଅମ୍ଳଜାନ ଶୋଷି ନେଇଥାନ୍ତି। ଫଳରେ ଜଳ ଭିତରେ ଦ୍ରବୀଭୂତ ଅମ୍ଳଜାନରେ ବଞ୍ଚୁଥିବା ମାଛ ଭଳି ଜୀବମାନେ ମୃତ୍ୟୁମୁଖରେ ପଡ଼ନ୍ତି। ଏହାଦ୍ୱାରା ଜଳ ଆହୁରି ଦୂଷିତ ହେବା ସହ ମଣିଷର ଦରକାରରେ ଆସୁଥିବା ଜୀବମାନେ ପ୍ରାଣତ୍ୟାଗ କରିଥାନ୍ତି ।

ଅଜୈବିକ ଆବର୍ଜନା ମଧ୍ୟରେ ଜରି, ଥର୍ମୋକଲ, ପ୍ଲାଷ୍ଟର ଅଫ ପାରିସ୍ ପ୍ରଭୃତି ବିଘଟନ ହୋଇ ପାରୁ ନଥିବାରୁ ପରିବେଶକୁ ପ୍ରଦୂଷିତ କରିଥାନ୍ତି। ଜୈବିକଠାରୁ ଅଜୈବିକ ପଦାର୍ଥଗୁଡ଼ିକ ପରିବେଶ ପାଇଁ ବେଶ ହାନିକାରକ ବୋଲି ଏବେ ପ୍ଲାଷ୍ଟିକକୁ ସେଥିପାଇଁ ବ୍ୟାନ୍ କରାଯାଇଛି।

ପ୍ରଦୂଷଣ ବୋର୍ଡ଼ର ଏକ ରିପୋର୍ଟ ଅନୁସାରେ ହୁଗୁଳି ନଦୀରେ ବିସର୍ଜନ ହେଉଥିବା ୧୫ ହଜାରରୁ ଅଧିକ ମେଢ଼ ବିସର୍ଜନ ହେଉଥିବା କାରଣରୁ ୧୭ ଟନ୍ ବାର୍ନିସ, ୩୨ଟନ୍ କୃତ୍ରିମ ରଙ୍ଗ ମିଶିବା ଫଳରେ ଜଳ ପ୍ରଦୂଷିତ ହୋଇଥାଏ। ଏହାବ୍ୟତୀତ ଜଳରେ ଭାରୀଧାତୁ, ଗ୍ରୀଜ୍ ଓ ତେଲ ମଧ୍ୟ ଆହୁରି ହାନିକାରକ ହୋଇଥାଏ। ପାର୍ବଣ ସମୟରେ ପ୍ରାୟ ସତୁରି ବିଲିୟନ ଲୋକ ଗଙ୍ଗାରେ ବୁଡ଼ ପକାଇବା ସହିତ ବିଭିନ୍ନ ପ୍ରକାର ଆବର୍ଜନା ଯଥା ଖାଦ୍ୟ, ଫୁଲ, ପତ୍ର ଓ ଅନ୍ୟାନ ପୂଜା ସାମଗ୍ରୀ ଥାଆନ୍ତି। ଯାହାଦ୍ୱାରା ଗଙ୍ଗାର ଜଳ ଦୂଷିତ ହେଉଥିବା ସହିତ ମେଢ଼ ବିସର୍ଜନ ମଧ୍ୟ ଆଉ ଏକ ସମସ୍ୟା ହୋଇ ଛିଡ଼ାହୋଇଛି ।

## ଆତସବାଜି ଓ ବାଣ-

ପାର୍ବଣରେ ଆତସବାଜି ଓ ବାଣର ବ୍ୟବହାର ମଧ୍ୟ କମ୍ ନୁହେଁ। ଏହାଦ୍ୱାରା ସଲ୍‌ଫର ଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକସାଇଡ୍, କାର୍ବନ ମନୋଅକ୍‌ସାଇଡ୍ ଆଦି ନିର୍ଗତ ହୋଇ ବାୟୁରେ ମିଶିବା ଦ୍ୱାରା ବାୟୁ ପ୍ରଦୂଷିତ ହୋଇଥାଏ । ଫଳରେ ମଣିଷ ଏହି ପ୍ରଦୂଷିତ ବାୟୁଦ୍ୱାରା କର୍କଟ, ଆଜ୍‌ମା, ବ୍ରୋଙ୍କାଇଟିସ୍ ଆଦି ରୋଗ ସୃଷ୍ଟି ହୋଇଥାଏ। ଏହା ମଧ୍ୟ ଛୋଟପିଲାଙ୍କ ଉପରେ ଅଧିକ ପ୍ରଭାବ ପକାଇଥାଏ।

## ସୀମା ଟପୁଛି ଶବ୍ଦ ପ୍ରଦୂଷଣ-

ପାର୍ବଣରେ ମାଇକ, ଲାଉଡ଼ ସ୍ପିକର, ଡ଼ିଜେ ବଜାଇବା ପାଇଁ ମନା ନାହିଁ। କିନ୍ତୁ ଏହା ଯଦି ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତାହା ମଣିଷ ସମାଜ ପାଇଁ କ୍ଷତି ନିଶ୍ଚୟ। ନିୟମାନୁସାରେ ୬୫ ଡେସିବଲ୍‌ରୁ ଅଧିକ ଶବ୍ଦରେ କୌଣସି ଡ଼ାକବାଜି କିମ୍ବା ତଦନୁରୂପ ଶବ୍ଦ ଉତ୍ପତ୍ତିକାରୀ ଯନ୍ତ୍ର ବ୍ୟବହାର କରିବା କଥା ନୁହେଁ। ଆଜିକାଲି ପାର୍ବଣକୁ ଆହୁରି ଟିକେ ରଙ୍ଗିଲା କରିବାକୁ ଶହେରୁ ଅଧିକ ଡେସିବଲ୍‌ରୁ ଅଧିକ ଶବ୍ଦ ବ୍ୟବହାର କରିବା ନିହାତି ଭାବରେ ପରିବେଶ ପ୍ରତି ପ୍ରଭାବ ପକାଉଛି। ଏହି ଡେସିବଲ୍ ହେଉଛି ତୀବ୍ରତାର ପରିମାପକ ଯାହା ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିଲେ ସୁଦ୍ଧା କେହି ମାନିବାକୁ ନାରାଜ। ଏହା ସିନା ମନୋରଞ୍ଜନ ପାଇଁ ବ୍ୟବହାର କରାଯାଇପାରିଲା, କିଛି ଲୋକଙ୍କ ଜୀବନ ଉପରେ ମଧ୍ୟ ପ୍ରଭାବ ପକାଉଥିବାର ଦେଖାଯାଇଛି। ଅଧିକ ଧ୍ୱନି ଯୋଗୁଁ ଶ୍ରବଣ ଶକ୍ତି ହ୍ରାସ, ଉଚ୍ଚ ରକ୍ତଚାପ, ହୃଦଘାତ, ଅନିଦ୍ରା, ମାନସିକ ଅବସାଦ ସୃଷ୍ଟି କରେ।

## ଏଥର ବାଜିବନି ଡିଜେ-

ଡିଜେ କେତେ ଯେ କ୍ଷତିକାରକ, ତାହା ବେଶ୍ ହୃଦୟଙ୍ଗମ କରିସାରିଲେଣି ଲୋକେ। କିଛି ଯୁବଗୋଷ୍ଠୀ ଡିଜେକୁ ନେଇ ବେଶ୍ ଉତ୍ସୁକ ଥିବାବେଳେ ପ୍ରାୟ ଊଣାଧିକେ ଲୋକ ଡିଜେ ବାଜିବାକୁ ପସନ୍ଦ କରୁ ନାହାନ୍ତି। ଏଥର ସରକାର ଡିଜେ ବାଜିବାକୁ ନେଇ କରିଛନ୍ତି କଟକଣା। ଯେଉଁମାନେ ଏହି ନିୟମ ନମାନିବେ, ସେମାନଙ୍କୁ ସରକାର ସାବାଡ଼ କରିବେ ବୋଲି କହିଛନ୍ତି। ମାତ୍ର କିଛି ଲୋକଙ୍କ ଖୁସିମଜା ପାଇଁ ଡିଜେ ସିନା ବ୍ୟବହାର କରାଯାଉଛି କିନ୍ତୁ ବହୁତ ଲୋକଙ୍କୁ ପୀଡ଼ା ଦେଉଛି। ଗାଁରୁ ସହର ଯାଏ ଏଥର ସରକାର କଡ଼ାକଡ଼ି ଭାବରେ ଡିଜେ ନବାଜିବାକୁ ନେଇ ନିୟମ କରିଛନ୍ତି। ଯେଉଁମାନେ ନିୟମ ଭାଙ୍ଗିବେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଛନ୍ତି।

## ବିଶ୍ୱତାପନ-

ପାର୍ବଣ ସମୟରେ ଅଧିକ ବିଜୁଳି ଖର୍ଚ୍ଚ ହୁଏ। ଏହି ବିଜୁଳି ଅଧିକାଂଶ ତାପଜ ବିଦ୍ୟୁତ କେନ୍ଦ୍ରରୁ ଆସିଥାଏ। ତାପଜ ବିଦ୍ୟୁତ କେନ୍ଦ୍ରରେ ଏଥିପାଇଁ ଅଧିକ କୋଇଲା ବ୍ୟବହାର ଫଳରେ ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳ ଗ୍ୟାସ୍ ବାୟୁମଣ୍ଡଳରେ ମିଶେ। ଫଳରେ ଏହାଦ୍ୱାରା ବାୟୁ ପ୍ରଦୂଷିତ ହେବା ସହିତ ତାପମାତ୍ରା ମଧ୍ୟ ବୃଦ୍ଧି ଘଟିଥାଏ। ଏହା ବ୍ୟତୀତ ପୂଜାମଣ୍ଡପରେ ଅଧିକ ହାଇମାକ୍ସ ଲାଇଟ୍ ବ୍ୟବହାର ଫଳରେ ମଧ୍ୟ ତାପମାତ୍ରା ମଧ୍ୟ ବାୟୁମଣ୍ଡଳରେ ବୃଦ୍ଧି ଘଟାଇଥାଏ।

## ମୁଣ୍ଡବିନ୍ଧା ଟ୍ରାଫିକ୍ ସମସ୍ୟା-

ପାର୍ବଣ ସମୟରେ ଟ୍ରାଫିକ୍ ସମସ୍ୟା ବହୁଳ ଭାବରେ ଦେଖାଯାଇଥାଏ। ଏହାଦ୍ୱାରା ଅନେକ ଦୁର୍ଘଟଣା ଘଟି ପ୍ରାଣହାନି ଘଟିବା ସହ ରାସ୍ତାଘାଟ ଜାମ୍ ଥିବା କାରଣରୁ ଡ଼ାକ୍ତରଖାନା ଯାଉଥିବା ଗୁରୁତର ରୋଗୀମାନେ ମଧ୍ୟ ଏହାର ଶିକାର ହୁଅନ୍ତି। ଲୋକେ ଉତ୍ସବ ମନାଇବା ବେଳେ ଅନେକ ଲୋକ ମଧ୍ୟ ମୃତ୍ୟୁର ଶିକାର ହୁଅନ୍ତି। ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଗାଡ଼ି ଜାମ ହୋଇ ରହିବା କିମ୍ବା ଟ୍ରାଫିକ୍ ପୋଷ୍ଟରେ ଷ୍ଟାର୍ଟରେ ରହିବା ଦ୍ୱାରା କୋଟି କୋଟି ଟଙ୍କାର ଇନ୍ଧନ ପୋଡ଼ିବା ସହ ଯେଉଁ ଅଙ୍ଗାରକାମ୍ଳ ଗ୍ୟାସ ବାୟୁମଣ୍ଡଳକୁ ଛାଡ଼ି ଥାଏ , ସେହି କ୍ଷତିର ଭରଣାକୁ ହିସାବ କରିବା ମଧ୍ୟ ମୁସ୍କିଲ୍। ପାର୍ବଣରେ ଟ୍ରାଫିକ୍ ସମସ୍ୟା ପାଇଁ ଅନେକ ସମୟରେ ଦେଶର ଜରୁରିକାଳୀନ ସେବା ବାଧାପ୍ରାପ୍ତ ହୁଏ।

## ଆମ୍ବୁଲାନ୍ସକୁ ଛାଡୁ ନାହାନ୍ତି ବାଟ-

ଲୋକେ ସିନା ପୂଜା ନାଁରେ ଆଧ୍ୟାତ୍ମିକତାକୁ ଆପଣାଉଛନ୍ତି ବୋଲି କହୁଛନ୍ତି କିନ୍ତୁ ସେମାନଙ୍କ ମଧ୍ୟରେ ମରିଯାଉଛି ମାନବିକତା। ନିଜ ସୁବିଧାକୁ ଏତେ ଦେଖୁଛନ୍ତି ଯେ ମେଳା ବୁଲାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ସିନା ଆମ୍ବୁଲାନ୍ସକୁ ବାଟ ଛାଡ଼ିବାକୁ ନାରାଜ। କିନ୍ତୁ ଆପାତତଃ ମେଳା ବୁଲିବାକୁ ଯାଉଥିବା ଲୋକମାନେ ମାନବିକତା ଦୃଷ୍ଟିରୁ ଆମ୍ବୁଲାନ୍ସକୁ ବାଟ ଛାଡ଼ିଦେବା ଉଚିତ। ପୂଜା ସମୟରେ ଦେଖିବାକୁ ମିଳୁଛି ସଂକଟାପନ୍ନ ରୋଗୀକୁ ମଧ୍ୟ ଘଣ୍ଟା ଘଣ୍ଟା ରାସ୍ତାରେ ଅଟକିବାକୁ ପଡୁଛି। ଏହି ଭିଡ଼ ମଧ୍ୟରେ ମଧ୍ୟ ଅନେକଙ୍କ ଜୀବନ ଚାଲିଯାଉଛି। ଏଣୁ ପୂଜାରେ ମଜା ଉଠାଉଥିବା ବ୍ୟକ୍ତି ଆମ୍ବୁଲାନ୍ସକୁ ବାଟ ଛାଡ଼ିଦେବା ଉଚିତ।

ପ୍ରତିଯୋଗୀ ମନୋଭାବରେ ବଳି ପଡୁଛନ୍ତି ଦୋକାନୀ-

କେଉଁ କମିଟି କିଭଳି ମେଢ଼ ପ୍ରସ୍ତୁତ କରିବ। କେତେ ଟଙ୍କା ବଜେଟ୍ ରହିବ। କେଉଁ ରାଜ୍ୟରୁ କାରିଗର ଆସି ମେଢ଼ ଓ ତୋରଣ ସଜାଇବେ। ଏଭଳି ଅନେକ କମିଟି ପ୍ରତିଯୋଗିତା ମନ ନେଇ କେତେ ଭଲ କରିପାରିବେ, କସରତ୍ ଚାଲିଥାଏ। ଏଥିପାଇଁ ବଜେଟ୍ ପ୍ରସ୍ତୁତ ହୁଏ। ଏହି ବଜେଟର ଭାର ବୋହିବାକୁ ପଡ଼ିଥାଏ ଉଠାଦୋକାନୀ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଯାଏ। ପ୍ରତିବର୍ଷ ଚାନ୍ଦାର ପରିମାଣ ସେଥିପାଇଁ ବଢୁଥାଏ ସିନା କମୁ ନଥାଏ। ଗୋଟେପଟେ ପୂଜା କମିଟିର ପ୍ରତିଯୋଗୀ ମନୋଭାବ ଓ ଅନ୍ୟପଟେ ପୂଜା କମିଟିର ଆଖପାଖରେ ବ୍ୟବସାୟ କରିଥିବା ଲୋକେ।

## ବଳି ପ୍ରଥା-

ପାର୍ବଣ ସମୟରେ ଅନେକ ସ୍ଥାନରେ ବଳି ପ୍ରଥାର ପରମ୍ପରା ରହିଛି। ଆଧୁନିକ ସମାଜରେ ଏହାକୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଭାବରେ ଗଣାହେଉଥିଲେ ବି ମଣିଷ କିନ୍ତୁ ଏହାକୁ କାଏମ ରଖିଛି। ଅନେକ ସ୍ଥାନରେ ବଳି ପ୍ରଥାକୁ ସାଧାରଣ ଲୋକଙ୍କ ସମର୍ଥନ ରହୁଥିବା କାରଣରୁ ପ୍ରଶାସନ ଯେତେ ନିୟମ କଲେ ବି ବିଫଳ ହୋଇଛି। ଏହା କିନ୍ତୁ ସାମାଜିକ ବ୍ୟବସ୍ଥା ପାଇଁ କଳଙ୍କ ସଦୃଶ। ଆଜି ବି ସେମିତି ଅନେକ ବିରୋଧ, କଟକଣା ସତ୍ତ୍ୱେ ବି ରକ୍ତରଞ୍ଜିତ ମାଣିକେଶ୍ୱରୀ ପୀଠ। ଭାରତର ଏମିତି ଅନେକ ସ୍ଥାନ ରହିଛି, ଯେଉଁଠି ଶୁଳିର ପରମ୍ପରା ଅବ୍ୟାହତ ରହିଛି।

## ସାଂସ୍କୃତିକ ଅବକ୍ଷୟ-

ପାର୍ବଣ ନାଁରେ ମଧ୍ୟ ସମାଜରେ ସାଂସ୍କୃତିକ ଅବକ୍ଷୟ ଘଟିଛି। ଏହି ଘଟଣା ଅନେକ ଶିକ୍ଷିତ, ସଂସ୍କୃତିପ୍ରେମୀ, ବୁଦ୍ଧିଜୀବୀଙ୍କୁ ମଧ୍ୟ ଆଘାତ ଦେଇଛି। ପାର୍ବଣ ନାଁରେ ଉଦଣ୍ଡ ନୃତ୍ୟ ପରିବେଷଣ, ମେଲୋଡ଼ିରେ ଅଶ୍ଳୀଳ ନୃତ୍ୟ, ଡ଼ିଜେ ବଜାଇ ଦ୍ୱିଅର୍ଥକବୋଧ ଗୀତର ତାଳେ ତାଳେ ଝୁମିବା ବଡ଼ ଅସହ୍ୟ ହୋଇପଡ଼ିଛି। ଲୋକଙ୍କ ମନରେ ଭକ୍ତି ଭାବନା କମ ବରଂ ମନୋରଞ୍ଜନର ଖୋରାକ ଏହିସବୁ ମାଧ୍ୟମ ଯୋଗାଇ ପାରିଛି। ସବୁଠୁ ବଡ଼ ବ୍ୟାଘାତ ହେଉଛି ଭସାଣି ପରମ୍ପରା, ଯାହା ଫଳରେ କାନଫଟା ଡ଼ିଜେ ସାଉଣ୍ଡ ଓ ଅଶ୍ଳୀଳ ଗୀତରେ ନାଚିବାକୁ ମହିଳାମାନେ ବି ଦ୍ୱିଧାବୋଧ କରୁନାହାନ୍ତି। ଏହାଦ୍ୱାରା ଆମେ ଆମର ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଇଛେ, ତାହା ତ ସତ କିନ୍ତୁ ଆମର ପରବର୍ତ୍ତୀ ପିଢ଼ିକୁ ସଂସ୍କାର ଶିଖାଇବାକୁ ଆଉ ଆମପାଖରେ କିଛି ରାହା ରହିବ ନାହିଁ। ପାର୍ବଣ ଭକ୍ତି ନୁହେଁ ବରଂ ଉପଭୋଗର ମାଧ୍ୟମ ପାଲଟିଯାଇଛି।

## ମଦ ଓ ପ୍ଲାଷ୍ଟିକକୁ ମନା-

ଏଥର ଡିଜେ ସହିତ ମଦ ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂଜାରେ ପ୍ଲାଷ୍ଟିକ ବ୍ୟବହାର ହୋଇପାରିବ ନାହିଁ କି ପୂଜା





ପରିସର ମଧ୍ୟରେ କେହି ମଦ୍ୟପାନ କରିପାରିବେ ନାହିଁ। ଏଣୁ ପ୍ରତ୍ୟେକ କମିଟିକୁ ଏ ବାବଦରେ ଅବଗତ କରାଯାଇଛି। ମଦ୍ୟପାନ କଲରିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ଏକ ଶପଥପାଠ ପ୍ରତ୍ୟେକ ପୂଜା ମଣ୍ଡପରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ପରିସରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହିତ କିଭଳି ସାତ୍ତ୍ୱିକ ଚିନ୍ତାଧାରାରେ ସମସ୍ତେ ପୂଜା ଉପଭୋଗ କରିପାରିବେ, ସେଥିପାଇଁ ମଦ୍ୟପାନ ନକରିବାକୁ ଶପଥପାଠ କରିବାକୁ ପୂଜକଙ୍କୁ ମଧ୍ୟ କୁହାଯାଇଛି। ମଦ୍ୟପାନ କରି ଯେମିତି କେହି







ବିଶୃଙ୍ଖଳା ନସୃଷ୍ଟି କରନ୍ତି, ପ୍ରତ୍ୟେକ ପୂଜା କମିଟିକୁ ଏ ବାବଦରେ ଅବଗତ କରାଯାଇଛି।

## ଚାନ୍ଦା ପାଇଁ କଡ଼ା କଟକଣା, ମାନୁଛି କିଏ ?

ସରକାର ପ୍ରତିବର୍ଷ ଜୁଲମ କରି ଚାନ୍ଦା ଆଦାୟକୁ ମନା କରୁଥିଲେ ବି କେହି ଏ ନିୟମ ପାଳନ କରୁ ନାହାନ୍ତି। ଚାନ୍ଦା ଦେଉଥିବା ଓ ନେଉଥିବା ଲୋକଙ୍କ ମଧ୍ୟରେ ଏହି କଥା ସୀମିତ ଥିବାରୁ କୌଣସି ପ୍ରଶାସନିକ ଛାଟ ନଥାଏ। ଚାନ୍ଦା ଦେଉଥିବା ଲୋକଟିର ଅସହାୟତା ଓ ଚାନ୍ଦା ନେଉ ଲୋକଙ୍କର ପରାକ୍ରମତା ଭିତରେ ପୂଜାର ବୁଝାମଣା ହୁଏ। ଦେଖାଯାଏ, ବହୁ ଆଡ଼ମ୍ବରରେ ପୂଜା କରୁଥିବା କମିଟିମାନେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଆରମ୍ଭ କରି ଛୋଟ ଠେଲା ଦୋକାନ ପର୍ଯ୍ୟନ୍ତ ମୋଟା ଅଙ୍କର ଚାନ୍ଦା ଆଦାୟ କରନ୍ତି, ଯାହା ସାମର୍ଥ୍ୟ ଠାରୁ ଅଧିକ ଥାଏ। ଯେଉଁମାନେ ଚାନ୍ଦା ଦିଅନ୍ତି, ସେମାନେ ଛୋଟବଡ଼ ବେପାର କରୁଥିବା କାରଣରୁ ମୁହଁ ଖୋଲିବାକୁ ଚାହିଁ ନଥାନ୍ତି। ଯେତେ ବାଧିଲେ ବି ବାଧ୍ୟରେ ଦିଅନ୍ତି ସିନା ସେମାନଙ୍କର ଆନ୍ତରିକତା ନଥାଏ। ଚାନ୍ଦା ପାଇଁ ସରକାରୀ ଭାବରେ କଟକଣା ଥିଲେ ବି ଏକଥାକୁ ଦେଉଥିବା ଲୋକ ଓ ନେଉଥିବା ଲୋକ କେହି ପାଳନ କରନ୍ତି ନାହିଁ।

## କାମ ସରିଲେ ସବୁ ପର-

ସବୁଠୁ ବଡ଼ ଦୁଃଖର କଥା ହେଲା, ସ୍ୱଚ୍ଛ ଭାରତର ଡ଼ିଣ୍ଡିମ ପିଟୁଥିବା ବିଭିନ୍ନ ବ୍ୟକ୍ତି, ସଂଗଠନ କିନ୍ତୁ ଏହି ଦିଗରେ ସଚେତନ ନୁହନ୍ତି। ନା ପୂଜା କମିଟି ନା ସାଧାରଣଲୋକ.. କେହି ବି ଏଦିଗରେ ସଚେତନ ହେଉନାହାନ୍ତି। ପାର୍ବଣ ସମୟରେ ପୂଜା ପ୍ରକ୍ରିୟାକରଣ ନିମନ୍ତେ ବ୍ୟବହାର ଜିନିଷ ଠାରୁ ପୁଣି ମେଳାରେ ଖାଦ୍ୟପଦାର୍ଥର ଅଇଁଠା ପ୍ଲେଟ୍, କପ୍, କାଗଜ, ଠୁଙ୍ଗା, ପଲିଥିନ ସବୁ ଗଦା ହୋଇ ପଡ଼ିଥିଲେ ବି କାହାର ନଜର ଏଥିପ୍ରତି ନଥାଏ। ବାହା ସରିଲେ ବେଦୀ ମୁହଁ ପୋଡ଼ା ଭଳି ସମସ୍ତେ ଚାଲିଯାଇଥାନ୍ତି। ଜନଗହଳି ଆଉ ସିନା ନଥାଏ, ହେଲେ ଯେଉଁ ଆବର୍ଜନାର ପୋତି ପଡ଼ିଥାଏ ପଡ଼ିଆ, ତାକୁ ସଫାକରିବାକୁ କିନ୍ତୁ କେହି ନଥାନ୍ତି । ଯେତେ ସ୍ୱଚ୍ଛ ଭାରତ ଅଭିଯାନ କଲେ କଣ ହେବ, ଏଇଟି କିନ୍ତୁ ସବୁ ଫେଲ୍।

## ଭେଜାଲ ଖାଦ୍ୟକୁ ଡ଼ର-

ପୂଜାରେ ବୁଲିବା ଓ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାର ଲୋଭ ମଧ୍ୟ ବିଭିନ୍ନ ପର୍ବପର୍ବାଣୀରେ ଯୋଡ଼ି ହୋଇ ରହିଥାଏ। କିଏ ଗୁପ୍‌ଚୁପ୍ ତ କି ଚାଟ୍, କିଏ ଫାଷ୍ଟଫୁଡ୍ ତ କିଏ ଆଇସକ୍ରିମ୍ ...ଏମିତି ବୁଲିବୁଲି ଖାଇବାର ମଜା କିନ୍ତୁ ଟିକେ ନିଆରା। ସପରିବାର ଯିବା, ପୂଜା ବୁଲିବା ଓ ଭଳିକିଭଳି ନିଜ ମନଲାଖି ଖାଦ୍ୟ ଖାଇବା ଦେଖାଯାଇଥାଏ। ଏହାର ଅନେକ ଫାଇଦା ନେଇଥାନ୍ତି ଅସାଧୁ ବେପାରୀ। ଅଧିକ ଲାଭ ଆଶାରେ ଭେଜାଲ ଓ ବାସି ଖାଦ୍ୟ ଲୋକଙ୍କୁ ଦେବାରେ ପଛାଇ ନଥାନ୍ତି। ବିଶେଷକରି ଏହି ମେଳା ମହୋତ୍ସବରେ ଭିଡ଼ ଦେଖି ଅପରିଷ୍କାର ତଥା ଭେଜାଲ ଖାଦ୍ୟ ଦେଇଥାନ୍ତି। ଏହାଫଳରେ ନାନାପ୍ରକାର ସ୍ୱାସ୍ଥ୍ୟଗତ ସମାସ୍ୟା ଦେଖାଯାଇଥାଏ। ପୂଜା ବଜାରରେ ଏସବୁ ପ୍ରତି କଟକଣା ରହିବା ଦରକାର। ଯେଉଁମାନେ ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି, ସେମାନଙ୍କୁ ଉଚିତ ଦଣ୍ଡ ବିଧାନ କରାଯିବା ଦରକାର। ଯେଉଁମାନେ ମେଳା ବୁଲିବାକୁ ଯାଉଛନ୍ତି, ଲୋଭରେ ନୁହେଁ ବରଂ ଖାଦ୍ୟର ମାନ ଦେଖି ଖାଇବା ଦରକାର।

## ଆବଶ୍ୟକ ସଚେତନତା-

-ଯେଉଁ ପୂଜା କମିଟିମାନେ ରାସାୟନିକ ରଙ୍ଗ ବ୍ୟବହାର କରୁଛନ୍ତି ଯଦି ୱାଟର କଲର କିମ୍ବା ହର୍ବାଲ କଲର ବ୍ୟବହାର କରନ୍ତେ, ପରିବେଶ ପ୍ରଦୂଷିତ ହୁଅନ୍ତା ନାହିଁ ।

-ମୂର୍ତ୍ତି ଗଢ଼ିବା ପାଇଁ ବହୁତ ଅନୁଷ୍ଠାନ ପ୍ଲାଷ୍ଟର ଅଫ୍ ପାରିସ ବ୍ୟବହାର କରିଥାନ୍ତି, ଏହା ବଦଳରେ ମାଟି ବ୍ୟବହାର କରିବା ଦରକାର। ମାଟିରେ ବ୍ୟବହାର କରାଯାଉଥିବା ନଡ଼ାକୁ ମଧ୍ୟ ମୂର୍ତ୍ତି ବିସର୍ଜନ ପରେ ପାଣିରୁ ଛାଣି ବାହାର କରିବା ଦରକାର ।

-ପୂଜା ମଣ୍ଡପ ସଜାଇବା ପାଇଁ ବ୍ୟବହାର କରାଯାଉଥିବା ଥର୍ମୋକଲ୍ ବଦଳରେ ବରଂ ପ୍ରାକୃତିକ ସାଧନରୁ ମିଳୁଥିବା ସୋଲ ବ୍ୟବହାର କରିବା ଦରକାର।

-ମୂର୍ତ୍ତିକୁ ପିନ୍ଧାଇବା ପାଇଁ ପଲିଷ୍ଟର କିମ୍ବା ନାଇଲନ ଶାଢ଼ି ବ୍ୟବହାର କରିବା ବଦଳରେ କଟନ୍ କିମ୍ବା ସିଲକ ଶାଢି ବ୍ୟବହାର କରିବା ଦରକାର।

- ପ୍ଲାଷ୍ଟିକ ପ୍ଲେଟ୍ ବଦଳରେ କଦଳୀ ପତ୍ର, ଶାଳପତ୍ର କିମ୍ବା ମାଟିପାତ୍ର ବ୍ୟବହାର କରିବା ଜରୁରୀ।

-ମୂର୍ତ୍ତି ବିସର୍ଜନ କରିବାକୁ ନଈ, ପୋଖରୀ ବ୍ୟବହାର କରିବା ବଦଳରେ କୃତ୍ରିମ ଜଳାଶୟ ବ୍ୟବହାର କରିବା ଜରୁରୀ।

-କମ୍ ଭୋଲ୍‌ଟେଜରେ ଚାଲୁଥିବା ଏଲ୍‌ଇଡି ଲାଇଟ୍ ବ୍ୟବହାର କରିବା ଦରକାର ।


-ଶବ୍ଦ ପ୍ରଦୂଷଣ ରୋକିବାକୁ କମ୍ ତୀବ୍ରତାର ସାଉଣ୍ଡ ବ୍ୟବହାର କରିବା ଦରକାର ।

-କମ୍ ତୀବ୍ରତାର ସାଉଣ୍ଡ ବ୍ୟବହାର କରିବା ସହିତ ପାରମ୍ପରିକ ଗୀତ, ନୃତ୍ୟ କିମ୍ବା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କରିବା ଦରକାର।

-ମୂର୍ତ୍ତି ବିସର୍ଜନ ପରେ ବ୍ୟବହାର ହୋଇଥିବା ଫୁଲ, ପତ୍ର, ନଡ଼ା କିମ୍ବା ଅନ୍ୟାନ୍ୟ ଜିନିଷ ପାଣିରୁ ଛାଣିବା ସହ ପୋଡ଼ି ପକାଇବା ଦରକାର ।

-ପୂଜାମଣ୍ଡପ କିମ୍ବା ମନୋରଞ୍ଜନ ପାଇଁ କରାଯାଇଥିବା ପେଣ୍ଡାଲକୁ ଏପରି ସ୍ଥାନ ନିରୂପଣ କରିବା ଦରକାର ଯାହା ଗହଳି କମାଇବା ସହ ଟ୍ରାଫିକ୍ ବ୍ୟବସ୍ଥା ପ୍ରଭାବିତ ନହେବା ଦରକାର ।

-କର୍ମକର୍ତ୍ତାମାନେ ଭିଡ଼ ନିୟନ୍ତ୍ରଣ ସହ ପରିବେଶ ପ୍ରଦୂଷିତ ନକରିବାକୁ ସଚେତନ କରିବା ଦରକାର।



ଫ୍ୟାସନ

# ଡାଣ୍ଡିଆ ନାଇଟ୍ ପାଇଁ ଆଉଟ୍‌ଫିଟ୍

ଶାରଦୀୟ ନବରାତ୍ରୀ ଆଉ କିଛି ଦିନ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ମା’ ଦୁର୍ଗାଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ପ୍ରକାରର ପ୍ରସ୍ତୁତି ହୋଇଥାଏ। ମହିଳାମାନେ ଗରବା ବା ଦାଣ୍ଡିଆ ନାଇଟ୍ ଖୁବ୍ ଧୁମ୍‌ଧାମରେ ପାଳନ କରନ୍ତି। ଏହି ନବରାତ୍ରୀରେ ମହିଳାଠାରୁ ପୁରୁଷଙ୍କ ପର୍ଯ୍ୟନ୍ତ ସମସ୍ତେ ଦାଣ୍ଡିଆ ଖେଳିବାକୁ ନେଇ ଉତ୍ସାହିତ। ଦାଣ୍ଡିଆ ନାଇଟ୍‌ରେ ପାରମ୍ପରିକ ଏଥେନିକ୍ ପୋଷାକର ଷ୍ଟାଇଲିସ୍ ଡିଜାଇନ୍ ଏବଂ ସୁନ୍ଦର ଲୁକ୍ ସହିତ ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ। ମହିଳା ଏବଂ ଝିଅମାନେ ନିଜର ସୁନ୍ଦରତା ବଢ଼ାଇବା ପାଇଁ ରଙ୍ଗବେରଙ୍ଗର ପୋଷାକ ପ୍ରସ୍ତୁତରେ ଲାଗିପଡ଼ନ୍ତି। ତେବେ ଗରବା ବା ଦାଣ୍ଡିଆ ନାଇଟ୍‌ରେ ନିଜକୁ କିଭଳି ଭାବରେ ଆକର୍ଷଣୀୟ କରିବେ।



## ଉପଯୁକ୍ତ ପୋଷାକ

ମହିଳାମାନେ ଗରବା ବା ଦାଣ୍ଡିଆରେ ଶାଢ଼ି, ଲେହେଙ୍ଗା ଏବଂ ସୁଟ୍ ସହିତ ଅନେକ ପ୍ରକାର ପୋଷାକ ପିନ୍ଧିପାରିବେ। କିନ୍ତୁ ଆପଣ ଗୁଜୁରାଟୀ କିମ୍ବା ରାଜସ୍ଥାନୀ ଢାଞ୍ଚାର ଦୁପଟ୍ଟା ଲେହେଙ୍ଗା ସହିତ କ୍ୟାରି କଲେ ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହା ବ୍ୟତୀତ କେଡ଼ିଆ ଏବଂ ଧୋତି ଲୁକ୍ ମଧ୍ୟ ଦାଣ୍ଡିଆ ନାଇଟ୍‌ରେ ବହୁତ ଷ୍ଟାଇଲିସ୍ ଏବଂ ସୁନ୍ଦର ଦେଖାଯାଏ।

## ଅକ୍ସିଡାଇଜଡ୍ ଜୁଏଲାରୀ


ରାଜସ୍ଥାନ ଏବଂ ଗୁଜୁରାଟୀ ପୋଷାକରେ ସିଲ୍‌ଭର୍ କଲର୍ ଅକ୍ସିଡାଇଜଡ୍ ଜୁଏଲାରୀ ବହୁତ ସୁନ୍ଦର ମ୍ୟାଚିଂ କରିଥାଏ। ଏଥିରେ ମଥା ପଟିଠାରୁ ଆରମ୍ଭ କରି ହାତ ଚୁଡ଼ି ଏବଂ ଅଣ୍ଟାର ଆଙ୍କଲେଟ୍ ପିନ୍ଧିବା ଦ୍ୱାରା ଏକ ନିଆରା ଲୁକ୍ ପାଇପାରିବେ। ଏହା ସହିତ ଆପଣ ଏକ ବଡ଼ ବଡ଼ ନାକ ରିଙ୍ଗ ମଧ୍ୟ ପିନ୍ଧିପାରିବେ, ଯାହା ଅଧିକ ଆକର୍ଷଣୀୟ କରିବ।

## ହେୟାର୍ ଷ୍ଟାଇଲ୍

ଗରବା ବା ଦାଣ୍ଡିଆ ଖେଳିବା ସମୟରେ କେଶକୁ ମଧ୍ୟ ପ୍ରାଧାନ୍ୟ ଦେବା ଆବଶ୍ୟକ। ଦାଣ୍ଡିଆ ଖେଳିବା ସମୟରେ ପୋଷାକ ସହିତ କେଶର ପରିଚର୍ଯ୍ୟା ଠିକ ଭାବରେ ନହେଲେ ଷ୍ଟାଇଲିଶ୍ ଲାଗି ନଥାଏ। ଏପରିସ୍ଥିତିରେ ସର୍ବଦା ଲୋ-ବନ୍ ହେୟାର୍ ଷ୍ଟାଇଲ୍ ତିଆରି କରନ୍ତୁ। ଯେଉଁଥିରେ ଆପଣ ଆରାମଦାୟକ ଭାବେ ଦାଣ୍ଡିଆ ଖେଳିବାରେ ମଜା ନେଇପାରିବେ। ଏହା କରିବାକୁ ସହଜ ଓ ବେଶ୍ କ୍ଲାସିକ୍ ହୋଇଥାଏ। ଏହାକୁ ଆପଣ ଟ୍ରାଏ କରିପାରିବେ, ଏହା ବେଶ୍ ସୁନ୍ଦର ଲାଗିଥାଏ। ଯେମିତିକି ବେଣି ବା ଖୋସା କରିବା ଦ୍ୱାରା ଏକ ଟ୍ରାଡିଶନାଲ ଲୁକ୍ ଦେଇଥାଏ।

ରୋଷେଇ ଘରୁ

# ଶାଗୁଦାନା ଖେଚୁଡି



## ଆବଶ୍ୟକ ସାମଗ୍ରୀ:

ଶାଗୁଦାନା-୨୫୦ଗ୍ରାମ୍, ଚିନାବାଦମ-୩ଚାମଚ, ଆଳୁ-୨ଟା, ଭୃର୍ସୁଙ୍ଗ ପତ୍ର, କଞ୍ଚାଲଙ୍କା-୨ଟା, ଜିରା-୧ଚାମଚ, ଘିଅ-୨ଚାମଚ, ଚିନି ଅଧା ଚାମଚ, ଲେମ୍ବୁରସ ଅଧା ଚାମଚ, କିଛି ଧନିଆ ପତ୍ର, ସ୍ୱାଦ ଅନୁଯାୟୀ ଲୁଣ।

## ପ୍ରଣାଳୀ:

ଶାଗୁଦାନାକୁ ୨ରୁ୩ ଥର ଧୋଇ ଗୋଟିଏ ଗିନାରେ ରଖି ଘୋଡ଼େଇ ଦେବେ। ଚିନାବାଦାମକୁ ହାଲ୍‌କା ଭାବେ ଭାଜି ଦରଦର କରି କୁଟି ନିଅନ୍ତୁ। ଆଳୁକୁ ସିଝେଇ ଛୋଟ ଛୋଟ କରି କାଟି ରଖନ୍ତୁ। ପ୍ୟାନ୍‌ରେ ଘିଅ ଗରମ ହେଲା ପରେ ଜିରା, କଞ୍ଚାଲଙ୍କା, ଭୃର୍ସୁଙ୍ଗ ପତ୍ର, କାଟି ରଖିଥିବା ଆଳୁ ଦେଇ ୩ରୁ୪ ମିନିଟ୍ ପର୍ଯ୍ୟନ୍ତ ଭାଜିବେ। ଆଳୁକୁ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏଥିରେ କୁଟି ରଖିଥିବା ଚିନାବାଦମ, ଶାଗୁଦାନା, ଚିନି, ଲୁଣ, ଲେମ୍ବୁରସ ଦେଇ ମିକ୍ସ କରିବେ। ଏହାକୁ ୨ରୁ୩ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖିବେ। ଶେଷରେ କାଟି ରଖିଥିବା ଧନିଆ ପତ୍ର ପକାଇ ଭଲ ଭାବେ ମିଶେଇ ନିଅନ୍ତୁ। ଏହାକୁ ମଧ୍ୟ ଦହି ସହିତ ଖାଇପାରିବେ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** – ସପ୍ତାହଟି ଅଶାନ୍ତି ବୃଦ୍ଧି। କର୍ମକ୍ଷେତ୍ରରେ ବିଳମ୍ବ। ଆଶା ଅସମ୍ପୂର୍ଣ୍ଣ। ପାରିବାରିକ ଜୀବନରେ କଳହ। ଚାକିରିରେ ମଧ୍ୟମ ଫଳ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭ ମିଳିବ। ପିଲାମାନଙ୍କର ପଢ଼ାପଢ଼ିରେ ଅବହେଳା ଘଟିବ। ପ୍ରତିକାର - ପ୍ରତିଦିନ ଶିବ ଦର୍ଶନ କରଣୀୟ।

**ବୃଷ** – ସପ୍ତାହଟି ବିଭିନ୍ନ କ୍ଷେତ୍ରରେ ଅର୍ଥକ୍ଷୟ। ନୈରାଶ୍ୟ। ଅର୍ଥହାନୀ। ଦ୍ରବ୍ୟ ଅପହୃତ। ରୋଗ ପୀଡ଼ା ବୃଦ୍ଧି ହେବ। ଚାକିରିରେ ଅସନ୍ତୋଷ। ବ୍ୟବସାୟରେ କ୍ଷତି ସହିବେ। ମହିଳାମାନେ ଦୁଃଖରେ ଦିନ କାଟିବେ। ପ୍ରତିକାର - ପ୍ରତିଦିନ ହନୁମାନ ଚାଳିଶା ପାଠ କରଣୀୟ।

**ମିଥୁନ** – ସପ୍ତାହଟି ଫଳ ଉତ୍ତମ। ମଧ୍ୟମ ଆୟ ଅବ୍ୟାହତ ରହିବ। ଦ୍ରବ୍ୟ ଲାଭ ଯୋଗ। ପ୍ରିୟାପ୍ରୀତି ପୋଷଣ। ପାରିବାରିକ ସୁଖ ଓ ଚାକିରିରେ ପଦୋନ୍ନତି ଯୋଗ ରହିଛି। ବ୍ୟବସାୟରେ ଲାଭବାନ ହେବେ। ପ୍ରତିକାର - ସୋମବାର ଶିବଙ୍କ ମୁଣ୍ଡରେ ଜଳଲାଗି କରଣୀୟ।

**କର୍କଟ** – ସପ୍ତାହଟି ନାନା କାରଣରୁ ଅସନ୍ତୋଷ ଦେଖା ଦେବ। ବନ୍ଧନ ଭୟର ଆଶଙ୍କା ରହିଛି। ଦ୍ରବ୍ୟନଷ୍ଟ। ପାରିବାରିକ ତିକ୍ତତା। ଚାକିରିରେ ଅସମ୍ମାନ। ଶିକ୍ଷାରେ ଅବହେଳା ଓ ବ୍ୟୟ ବହୁଳ ଯୋଗ ଦେଖାଯାଏ। ପ୍ରତିକାର - ମା’ଙ୍କ ମନ୍ଦିରରେ ପ୍ରତ୍ୟେକ ମଙ୍ଗଳବାର ଦିନ ପୂଜା କରଣୀୟ।

**ସିଂହ** – ସପ୍ତାହଟି ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା ସହ ଉଚ୍ଚ ସମ୍ମାନ ମିଳିବ। ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନ କରିବେ। ଅର୍ଥ ଏବଂ ଦ୍ରବ୍ୟଲାଭ। ଚାକିରିରେ ପଦମର୍ଯ୍ୟାଦା ଓ ବ୍ୟବସାୟରେ ଉନ୍ନତି। ପ୍ରତିକାର - ଅନାଥକୁ ସାହାଯ୍ୟ କରନ୍ତୁ।

**କନ୍ୟା** – ସପ୍ତାହଟି ଶରୀର ସୁସ୍ଥ ରହିବ ମାତ୍ର ଅର୍ଥ ସଂକଟ ଦେଖାଦେବ। ଶିକ୍ଷାରେ ସୁଫଳ ମିଳିବ। ପରିବାରରେ ସୁଖ ତଥା ସନ୍ତାନ ଲାଭଯୋଗ ଅଛି। ଚାକିରିରେ ପ୍ରଶଂସିତ ହେବେ। ବ୍ୟବସାୟରେ ଶୁଭଫଳ ମିଳିବ। ପ୍ରତିକାର - ଗଣେଶ ଭଗବାନଙ୍କୁ ପୂଜା କରନ୍ତୁ।

**ତୁଳା** – ସପ୍ତାହଟି କର୍ମକ୍ଷେତ୍ରରେ ଶତ୍ରୁହାନି ଓ ସଫଳତା ଯୋଗ କିନ୍ତୁ ଶିରରୋଗ ଦେଖାଦେବ। ପାରିବାରିକ ସ୍ୱଚ୍ଛଳତା ଓ ଚାକିରିରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ବ୍ୟବସାୟରେ ଉତ୍ତମଫଳ ମିଳିବ। ମହିଳାମାନେ ଅନ୍ୟଦ୍ୱାରା ପ୍ରତାରିତ ହେବେ। ପ୍ରତିକାର - ଶନିବାର ଶିବ ଦର୍ଶନ କରଣୀୟ।

**ବିଛା** – ସପ୍ତାହଟି ଚୋର ଭୟ ବା ପ୍ରତାରଣା ଯୋଗ ରହିଛି। କର୍ମକ୍ଷେତ୍ରରେ ବାଦବିବାଦ। ଆୟ ମଧ୍ୟମ ଓ ପାରିବାରିକ ପତ୍ନୀପୀଡ଼ା ଓ ଚାକିରିରେ ଅପଯଶ ହେବେ। ଶିକ୍ଷାରେ ମଧ୍ୟମ ଫଳ। ଖେଳରେ ପ୍ରଶଂସା ମିଳିବ। ପ୍ରତିକାର - ଛୋଟ ଛୋଟ ପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ଧନୁ** – ସପ୍ତାହଟି କର୍ତ୍ତବ୍ୟରେ ଅବହେଳିତ ହେବେ। ଆୟ ଭଲ ହେଲେ ମଧ୍ୟ ଅର୍ଥ ସଂକଟ ଲାଗି ରହିବ। ବନ୍ଧୁହାନି ଯୋଗ। ପାରିବାରିକ ଅସନ୍ତୋଷ। ଶିକ୍ଷାରେ ଉଚ୍ଚଫଳ ଲାଭ ଓ ବ୍ୟବସାୟର ପ୍ରସାର ଘଟିବ। ପ୍ରତିକାର - ଠାକୁରଙ୍କୁ ବସ୍ତ୍ରଦାନ କରଣୀୟ।

**ମକର** – ସପ୍ତାହଟି କର୍ମକ୍ଷେତ୍ରରେ ପ୍ରଶଂସା। ଆୟ ସ୍ୱଚ୍ଛଳ। ସଞ୍ଚୟର ସୂଚନା। ବନ୍ଧୁମିଳନ। ସୁଖ ସମ୍ପଦ ଲାଭ। ପାରିବାରିକ ଆନନ୍ଦ। ଚାକିରିରେ ଚିନ୍ତାଶୂନ୍ୟତା। ବ୍ୟବସାୟରୁ ଲାଭ ପାଇବେ ଓ ଶିକ୍ଷାରେ ଶ୍ରମର ଫଳ ମିଳିବ। ପ୍ରତିକାର - ଓଁ ଶନିସହସ୍ର ମନ୍ତ୍ର ପାଠ କରଣୀୟ।

**କୁମ୍ଭ** – ସପ୍ତାହଟି ଅଶୁଭ ଫଳ ମଧ୍ୟରେ ବ୍ୟୟ ବୃଦ୍ଧି। ଶରୀର ଅସୁସ୍ଥ। କର୍ମକ୍ଷେତ୍ରରେ ବିଦ୍ରୋହ ବା ଅଶାନ୍ତି। ଶତ୍ରୁ ବୃଦ୍ଧି ଓ ବନ୍ଧନ ଭୟ ରହିଛି। ପରିବାରରେ କୁଟନୀତି ଦେଖାଦେବ। ଚାକିରିରେ ନିନ୍ଦା ଓ ବ୍ୟବସାୟରେ କ୍ଷତି ହେବ। ପ୍ରତିକାର - ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତୁ।

**ମୀନ** – ସପ୍ତାହଟି ଫଳ ଆଦୌ ଶୁଭପ୍ରଦ ନୁହେଁ। କର୍ମକ୍ଷେତ୍ରରେ ନାନା ସମସ୍ୟା। କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରତାରିତ ହୋଇ ପାରନ୍ତି। ଆୟ ଉତ୍ତମ ରହିବ। ପାରିବାରିକ ସୁଖ ଅବ୍ୟାହତ ଓ ସମ୍ମାନ ରକ୍ଷା ହେବ। ପ୍ରତିକାର - ସବୁ ଦିନ କଳା କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ।

ଐତିହ୍ୟ

# ଗାନ୍ଧୀ ମଣିଷଙ୍କ ଗାଁ 'ପାଣିମୋରା'

ଓଡ଼ିଶାର ଛତିଶଗଡ଼ ରାଜ୍ୟ ସୀମାରେ ଅବସ୍ଥିତ ଛୋଟିଆ ସହରଟିଏ । ବରଗଡ଼ ଜିଲ୍ଲା ସଦର ମହକୁମାରୁ ୪୦ କି.ମି. ଦୂର ଜାତୀୟ ରାଜପଥ ଧାରରେ ପଡ଼େ ସୋହେଲା ବ୍ଲକ । ଜାତୀୟ ରାଜପଥରୁ ଓହ୍ଲାଇ ସୋହେଲା ଠାରୁ ବାମ ପଟେ ୧୨ କି.ମି. ପକ୍କା କଚ୍ଚା ଗାଁ ସଡ଼କ ଅତିକ୍ରମ ପରେ ପଡ଼େ 'ପାଣିମୋରା' ଗାଁ । ବିସ୍ତୀର୍ଣ୍ଣ ଧାନକ୍ଷେତ, ଗ୍ରାମ୍ୟ ଜଙ୍ଗଲ ପରିବେଷ୍ଟିତ ପାଣିମୋରା ଗାଁ ପରିବେଶ ବେଶ୍ ମନୋରମ । ବାତାବରଣ ବେଶ୍ ଶାନ୍ତ । ଗାଁରେ ପହଞ୍ଚିଲେ ପ୍ରଥମେ ଭେଟ ହୁଏ ଗାନ୍ଧିଜୀଙ୍କ ସହ । ଗାଁ' ଦାଣ୍ଡ ରାସ୍ତାର ଦୋ'ଛକିରେ ଏକ ମଣ୍ଡପରେ ସ୍ଥାପିତ ହୋଇଛି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି । ସାମ୍ନାରେ ରହିଛି ସ୍ମୃତିପୀଠ । କେବଳ ସ୍ମୃତିପୀଠ ନୁହେଁ, ଏହା ପାଣିମୋରା ଗାଁର ସ୍ୱର୍ଣ୍ଣାଭ ଇତିହାସର ମୂକସାକ୍ଷୀ । ଛୋଟ ପାଚେରୀ ଘେରା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ । ଏହା ଭିତରେ ନିର୍ମିତ ହୋଇଛି ନିରାଡ଼ମ୍ବର ଶୈଳୀର ଅଳ୍ପ ଉଚ୍ଚତାର ସ୍ମୃତିସ୍ତମ୍ଭଟିଏ । ସ୍ମୃତି ପୀଠର ମଝିରେ ଥିବା ଏଇ ସ୍ତମ୍ଭରେ ରହିଛି ଏକ ପ୍ରସ୍ତର ଫଳକ ।



ଖରାବର୍ଷା, ଶୀତକାକର ସହି ଖୋଲା ଆକାଶ ତଳେ ଛିଡ଼ା ହୋଇଛି ଏହି ସ୍ତମ୍ଭ ଫଳକ । ଏଥିରେ ଲେଖାଥିବା ନାମ ସବୁ ଅସ୍ପଷ୍ଟ ହୋଇ ଆସିଲାଣି । ତେବେ ବି ନିରେଖି ଦେଖିଲେ ପଢ଼ିହୁଏ । ଫଳକରେ ନାମାଙ୍କିତ ହୋଇଛି ୩୨ ଜଣ ସହୀଦଙ୍କ ନାମ । ଗ୍ରାମବାସୀ କହନ୍ତି, ୧୯୪୨ରେ ଗାନ୍ଧିଜୀଙ୍କ ଭାରତଛାଡ଼ ଡାକରାରେ ଏହି ଗାଁର ୩୨ଜଣ ଯୁବକ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ।

ଗାନ୍ଧିଜୀଙ୍କ ଆହ୍ୱାନରେ ପାଣିମୋରା ଯୁବକମାନଙ୍କୁ ଦେଶସେବା ମନ୍ତ୍ରରେ ଉଦ୍‌ବୁଦ୍ଧ କରିବା ମୁଖ୍ୟ ଭୂମିକା ଥିଲା ବିପ୍ଲବୀ କବି ଦିବ୍ୟକିଶୋର ସାହୁଙ୍କର । ପରବର୍ତ୍ତୀ ଅବସ୍ଥାରେ ଦିବ୍ୟକିଶୋର ଗଡ଼ଜାତ ଅଞ୍ଚଳରେ ପରିବ୍ରାଜକ ବିଦ୍ୟାନନ୍ଦ ନାମରେ ପରିଚିତ ହେଲେ । ଦିନ ବିତିଯାଇଛି ପାଣିମୋରାର ସଂଗ୍ରାମୀମାନେ କିନ୍ତୁ ଭୁଲି ନାହାନ୍ତି ବିଦ୍ୟାନନ୍ଦଙ୍କୁ । ତାଙ୍କରି ସ୍ମୃତିରେ ଗାଁରେ ସ୍ଥାପିତ ହୋଇଛି 'ବିଦ୍ୟାନନ୍ଦ ପାଠାଗାର' । ଜେଲରେ ଥିବା ପାଣିମୋରାର ସଂଗ୍ରାମୀମାନେ ମୁକ୍ତ ହେଲେ କିନ୍ତୁ ଭୁଲିଲେ ନାହିଁ ଗାନ୍ଧିଜୀଙ୍କୁ ଏବଂ ତାଙ୍କ ଆଦର୍ଶକୁ । ଗାଁ ପାଲଟିଗଲା ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟର ପ୍ରୟୋଗଶାଳା । ପାଣିମୋରା ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା । ୧୯୪୮ରୁ ୧୯୫୫ ମଧ୍ୟରେ ଆଚାର୍ଯ୍ୟ ହରିହର ଏଠାକୁ ଆସି ଗାଁ ଲୋକଙ୍କୁ ସର୍ବୋଦୟ ଭାବଧାରାରେ ଅନୁପ୍ରାଣୀତ କରିଥିଲେ । ଗାଁ ମୁଣ୍ଡରେ ଥିବା ଆଚାର୍ଯ୍ୟ ସାଗର ସରୋବର ଏଇ କଥା ଆଜି ବି ମନେ ପକାଇଦିଏ । ସେହି ସମୟରେ ପାଣିମୋରା ଗାଁର ନାମ ଆଚାର୍ଯ୍ୟପୁର ଭାବେ ପରିଚିତ ଥିଲା । ପାଣିମୋରା ଏକ ବଡ଼ ଗାଁ । ଏକଦା ଲୋକସଂଖ୍ୟା ୪ ହଜାରରୁ ଅଧିକ । ଏଠାରେ ଭୋଟର ସଂଖ୍ୟା ୨୨ ଶହ । ଶିକ୍ଷିତଙ୍କ ସଂଖ୍ୟା ୬୦ ପ୍ରତିଶତରୁ ଅଧିକ । ଗାଁର କେନ୍ଦ୍ରସ୍ଥଳରେ ରହିଛି ଜଗନ୍ନାଥ ମନ୍ଦିର । ମନ୍ଦିରରେ ପୂଜା ସହିତ ପ୍ରତିଦିନ ସକାଳେ ଅନୁଷ୍ଠିତ ହୁଏ ଗାନ୍ଧିଜୀଙ୍କ ଲାଗି ପ୍ରାର୍ଥନା ସଭା । ଯେଉଁଦିନ ଗାନ୍ଧିଜୀଙ୍କ ମହାପ୍ରୟାଣ ହେଲା, ସେହିଦିନରୁ ଗାଁ ଲୋକ ଏକାଠି ହୋଇ ଏଠାରେ ପ୍ରାର୍ଥନା କରିଆସୁଛନ୍ତି । ସକାଳୁ ଡିବିଡିବି ବାଦ୍ୟ ବଜାଇ ଗାଁ ଲୋକଙ୍କୁ ପ୍ରାର୍ଥନାର ସାମିଲ ହେବାକୁ ସୂଚାଇ ଦିଆଯାଇଥାଏ । ଗାନ୍ଧିଜୀଙ୍କ ମହାପ୍ରୟାଣ ଠାରୁ ଗାଁ ମୁଣ୍ଡରେ ଥିବା ମହାତ୍ମା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତି ଶୁକ୍ରବାର ସନ୍ଧ୍ୟାରେ ସମବେତ ପ୍ରାର୍ଥନା ଅନୁଷ୍ଠିତ ହୋଇଆସୁଛି । ଅନ୍ୟପକ୍ଷରେ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ପାଣିମୋରାବାସୀ ନେଇଥିଲେ ସକ୍ରିୟ ଭୂମିକା । ୧୯୬୩ରେ ପାଣିମୋରାକୁ ଗ୍ରାମଦାନ ଭାବେ ଘୋଷଣା କରାଯାଇଥିଲା । ଏହି ସମୟରେ ସନ୍ଥ ବିନୋବା ନିଜର ସମୟରେ ସନ୍ଥ ବିନୋବା ନିଜର ସମସ୍ତ ଗ୍ରସ୍ତ ବାତିଲ କରି ପାଣିମୋରା ଗାଁକୁ ଆସିଥିଲେ । ଏହି ଗ୍ରାମର ଚମ୍ବଲ ଘାଟିରେ ଜଣେ କୁଖ୍ୟାତ ଦସ୍ୟୁ ବିନୋବାଜୀଙ୍କ ପାଦ ତଳେ ଆତ୍ମ ସମର୍ପଣ କରିଥିଲେ । ଦେଶ ସ୍ୱାଧୀନତା ପ୍ରାପ୍ତିର ସାଢ଼େ ଛଅ ଦଶନ୍ଧି ପରେ ବି ପାଣିମୋରାରେ ଗାନ୍ଧିଜୀଙ୍କ ଆଦର୍ଶର ଅନୁସରଣ ଦେଖିବାକୁ ମିଳେ ।



୩୨ଜଣ ଯୁବକ ସଂଗ୍ରାମୀ ଗାନ୍ଧିଜୀଙ୍କ 'ଭାରତଛାଡ଼' ଆହ୍ୱାନରେ ସହମତ ହୋଇ ଏଇ ଗାଁରୁ ବାହାରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ପୋଲିସର ଜୁଲୁମ ସାଙ୍ଗକୁ କାରାବରଣ, ତେବେ ବି ଗାନ୍ଧିଜୀଙ୍କ ଆଦର୍ଶ ଓ ଆଦେଶରୁ ନିବୃତ୍ତି ନେଇ ନଥିଲେ ଏମାନେ । ସ୍ୱାଧୀନତା ଇତିହାସରେ ଏମାନେ ରଚିଥିଲେ ଭିନ୍ନ ଅଧ୍ୟାୟ । ଏଇ ସେ ଗାଁ, ଯାହାକୁ କର୍ମଭୂମି କରିଥିଲେ ବିନୋବାଭାବେ ଏବଂ ଆଚାର୍ଯ୍ୟ ହରିହର । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସ୍ୱତନ୍ତ୍ର ପ୍ରସିଦ୍ଧି ପାଇଥିବା ଏଇ ଗାଁ ହେଉଛି ଆମ ଓଡ଼ିଶାର ବରଗଡ଼ ଜିଲ୍ଲା ଅନ୍ତର୍ଗତ 'ପାଣିମୋରା' । ଗାଁଟି ଥିଲା ଗାନ୍ଧିଜୀଙ୍କ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ପ୍ରୟୋଗଶାଳା ।



ରାମ, କୃଷ୍ଣ କି ଶିବ ନୁହେଁ, ଏଠି ଗାନ୍ଧୀ ମନ୍ଦିର ବସୁଛି ପ୍ରାର୍ଥନା ସଭା, ଶୁଭୁଛି ଗୀତାମନ୍ତ୍ର ଓ ରାମଧୂନ୍

ମନ୍ଦିରରେ ଦେବାଦେବୀ ନୁହେଁ ପୂଜା ପାଉଛନ୍ତି ଏ ଦେଶର ପୂଜ୍ୟ ଜନନାୟକ । ଜାତିର ଜନକ, ସଭିଙ୍କ ପ୍ରିୟ ବାପୁଜୀ । ସର୍ବବିଦିତ ମହାତ୍ମା । ସମ୍ବଲପୁର ସହର ଉକଣ୍ଠରେ ଥିବା ଭଟ୍ରାଠାରେ ଦେଖିବାକୁ ମିଳେ ଏହି ଗାନ୍ଧୀ ମନ୍ଦିର । ମନ୍ଦିରରେ ଗାନ୍ଧିଜୀଙ୍କୁ ପୂଜା କରାଯାଏ । ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ରହିଛି । ଠାକୁର ପହୁଡ଼ ପଡ଼ିବା ଓ ଖୋଲିବା ଠାରୁ ରୀତିନିତି ବି ଚାଲେ ଦୈନନ୍ଦିନ । ଚୁଡ଼ା, ନଡ଼ିଆ, ଖଇ ଆଦି ଦୁଇଓଳି ଭୋଗ ଲାଗେ । ପ୍ରତିମାଙ୍କ ପାଖରେ ପ୍ରତିଦିନ 'ରଘୁପତି ରାଘବ ରାଜାନାମ' ବୋଲାଯାଏ । ଗୀତପାଠ ହୁଏ । ଶିବରାତ୍ରୀ, ଜନ୍ମାଷ୍ଟମୀ କି ରାମନବମୀ ବଦଳରେ ଏଠାରେ ପାଳିତ ହୁଏ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଓ ଗାନ୍ଧୀ ଜୟନ୍ତୀ । ଏସବୁ ପର୍ବରେ ଏଠାରେ ଗାଁ ଲୋକେ ସାମିଲ ହୁଅନ୍ତି । ଦେଶାତ୍ମବୋଧ ସଙ୍ଗୀତ ଏବଂ ରାମଧୂନ୍ କରାଯାଏ । ମିଠାଇ ମଧ୍ୟ ବଣ୍ଟାଯାଏ । ୧୯୭୨ରେ ନିର୍ମିତ ଗାନ୍ଧୀବାଦର ପ୍ରଚାର ପ୍ରସାର କରି ଆସୁଥିବା ଏହି ମନ୍ଦିର ଅନୁଷ୍ଠାନ ବେଶ୍ ଅଭାବନୀୟ ଅବସ୍ଥା ମଧ୍ୟରେ ଗତି କରିଆସୁଛି । ଗ୍ରାମବାସୀଙ୍କ ସହଯୋଗରେ ଏହି ମନ୍ଦିର ଏଯାଏଁ ପରିଚାଳିତ ହେଉଛି ।

**ବିପିନ ବିହାରୀ ରାଉତ, ଶ୍ରୀବିହାର କଲୋନୀ,**
**ତୁଳସୀପୁର, କଟକ,**
**ଦୂରଭାଷ : ୯୪୩୭୬୬୬୪୫୩**

ମନୋରଞ୍ଜନ





# 'ଭାଗ୍ୟରେଖା'ରେ ରୋମାଞ୍ଚକର ମୋଡ଼


ଓଡ଼ିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ଓଡିଆ ଘରର ପରମ୍ପରା ଓ ରୀତିନୀତିକୁ ନେଇ ଅନେକ ମନଲୋଭା ଧାରାବାହିକ ଜରିଆରେ ନିଜର ଦର୍ଶକଙ୍କୁ ମନୋରଞ୍ଜନର କାର୍ଯ୍ୟକ୍ରମ ଭେଟି ଦେଉଛି ଜୀ ସାର୍ଥକ । ତାହା ମଧ୍ୟରେ 'ଭାଗ୍ୟରେଖା' ଧାରାବାହିକ ସାଜିଛି ଦର୍ଶକଙ୍କର ପ୍ରଥମ ପସନ୍ଦ । ଆଗକୁ ଏହି ଧାରାବାହିକରେ ରୋମାଞ୍ଚକର ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ଚଳିତଥର 'ଭାଗ୍ୟରେଖା'ରେ କିଛି ଭିନ୍ନ ମୋଡ଼ ଦେଖିବାକୁ ପାଇବେ ଦର୍ଶକମାନେ । ରେଖା ଓ ଭାଗ୍ୟ ପରସ୍ପର ପ୍ରତି ମନରେ ଥିବା ପ୍ରେମ ଭାବନାକୁ ଶେଷରେ ବ୍ୟକ୍ତ କରିଛନ୍ତି । ରେଖା, ମୟଙ୍କ ଓ ନିଜ ଘର ଲୋକଙ୍କୁ ଜଣାଇଛି ଯେ ମୟଙ୍କକୁ ସେ ବାହା ହୋଇ ନାହିଁ କାରଣ ସେ ଭାଗ୍ୟକୁ ଭଲ ପାଏ । ଯାହାକୁ ଶୁଣି ମୟଙ୍କ ରାଗରେ ଘର ଛାଡ଼ି ଚାଲିଯାଇଛି । ଅନ୍ୟ ପକ୍ଷରେ ମୟଙ୍କ ଘର ଛାଡ଼ି ଯିବା କଥା ଜାଣି ତାଙ୍କ ମା' ଆସି ଭାଗ୍ୟ ଘରେ ପାଟିତୁଣ୍ଡ କରିଛନ୍ତି । ଏହାପରେ ଭାଗ୍ୟ ଓ ରେଖା ମିଶି ମୟଙ୍କକୁ ଖୋଜିବାକୁ ଯାଉଛନ୍ତି । ଏହି ସବୁ ସୁଯୋଗର ଫାଇଦା ଉଠାଇ ମୟଙ୍କ ରେଖାର ଚରିତ୍ର ଉପରେ ପ୍ରଶ୍ନ ଉଠାଉଛି । ଅପରପକ୍ଷେ ଭାଗ୍ୟ ପରିବାର ମଧ୍ୟ ରେଖା ଉପରେ ରାଗ ରଖି କୁହନ୍ତି ରେଖା ପାଇଁ ଭାଗ୍ୟ ଆଜି ଭୁଲ୍ ବାଟକୁ ଯାଇଛି । ତେବେ ଏହି ସମସ୍ୟା ଭିତରେ କ'ଣ କେବେ ରେଖା ଓ ଭାଗ୍ୟ ଏକାଠି ହୋଇପାରିବେ ? ଭାଗ୍ୟ ପରିବାରକୁ ରେଖା ଓ ଭାଗ୍ୟର ପ୍ରେମ ସମ୍ପର୍କ ବିଷୟରେ ଜଣା ପଡ଼ିଲେ କ'ଣ ହେବ ? ଏହି ସବୁ ପ୍ରଶ୍ନର ଉତ୍ତର ଜାଣିବାକୁ ହେଲେ ଦେଖନ୍ତୁ ଧାକାବାହିକ 'ଭାଗ୍ୟରେଖା' ।

# ପ୍ରଥମ ଏଆଇ ଓଡ଼ିଆ ଭିଡିଓ

ଆଜିର ସମୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ଆମର ପ୍ରତିଦିନ ଉପଯୋଗ କରାଯାଉଥିବା ସେବା ଓ ବସ୍ତୁଗୁଡ଼ିକୁ ଶକ୍ତି ପ୍ରଦାନ କରୁଛି । ଟିଭି ଶୋ'ର ଅନୁଶଂସା କରୁଥିବା ଆପ୍‌ରୁ ଆରମ୍ଭ କରି ବାସ୍ତବିକ ସମୟର ଗ୍ରାହକ ସହାୟତା ପ୍ରଦାନ କରୁଥିବା ଚାଟ୍‌ବୋଟ୍ ପର୍ଯ୍ୟନ୍ତ ସବୁଥିରେ ଏଆଇର ଉପଯୋଗ ହେଉଛି । ସେଥିପାଇଁ ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ହିରୋ ଓ ହିରୋଇନ୍‌ଙ୍କୁ ନେଇ ନିଜର ଶୋ' ହେଉ ଅବା ଫିଲ୍ମର କ୍ଲାଇମାକ୍ସ ନକରି ଏହା ଠାରୁ କିଛି ଅଧିକ, ଅଲଗା ଓ କିଛି ଅଭିନବ କରିବାର ପ୍ରୟାସ କରୁଛନ୍ତି । ଏହି ପ୍ରୟାସ ମଧ୍ୟରେ ରହିଛି ଏଆଇ ଜେନେରେଟେଡ୍ ପ୍ରଥମ ଓଡିଆ ମ୍ୟୁଜିକାଲ୍ ଭିଡିଓ 'ତୁ କାଇଁ ଲାଗୁଛୁ ମୋତେ ନିଜଠୁ ନିଜର' । ଏଥିରେ ମନଛୁଆଁ ଲିରିକ୍ସ ସବୁ ରହିଛି ଯେଉଁଗୁଡ଼ିକ ଦର୍ଶକମାନଙ୍କୁ ଆକୃଷ୍ଟ କରୁଛି । ତେବେ କିଛି ଦିନ ହେଲା ଏହି ମ୍ୟୁଜିକାଲ୍ ଭିଡିଓଟି ରିଲିଜ ହୋଇଛି । କୋଲକାତାର ବିଭିନ୍ନ ସ୍ଥାନରେ ଏହି ଭିଡିଓଟିକୁ ପ୍ରସ୍ତୁତ କରାଯାଇଥିଲା । ଏଥିରେ କଣ୍ଠଦାନ କରିଛନ୍ତି ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ ସାଗର । ଏହି ଭିଡିଓର ପରିକଳ୍ପନା କରିଛନ୍ତି ଅବିନାଶ ନନ୍ଦ ଓ କାଜଲ୍ ଜେନା । ସୁଦୀପ ଜେନାଙ୍କ ଦ୍ୱାରା ସଂରଚନା କରାଯାଇଥିବା ଏହି ଗୀତଗୁଡିକୁ ସ୍ମୃତି ଷ୍ଟୁଡିଓରେ ରେକର୍ଡ କରାଯାଇଥିଲା ।



# ନୂଆ କାହାଣୀରେ ଚିୟାନ ଓ ସୂର୍ଯ୍ୟା





ବ୍ଲକ୍‌ବଷ୍ଟର ଫିଲ୍ମର ନିର୍ମାଣ କରୁଥିବା ଦକ୍ଷିଣ ଭାରତୀୟ ନିର୍ଦ୍ଦେଶକ ଶଙ୍କର ତାଙ୍କର ନୂଆ ଫିଲ୍ମର ପ୍ରସ୍ତୁତିରେ ଯୁଟିଯାଇଛନ୍ତି । ଏସ୍‌ୟୁ ଭେଙ୍କଟେସନ୍‌ଙ୍କ ବେଲପାରୀ ଉପନ୍ୟାସ ଉପରେ ନିର୍ମିତ ଏକ ଫିଲ୍ମର ନିର୍ଦ୍ଦେଶନା ସେ ଦେବାକୁ ଯାଉଛନ୍ତି । ଏହି ଐତିହାସିକ ଫିଲ୍ମ ପାଇଁ ସେ ଦକ୍ଷିଣ ଭାରତୀୟ ସିନେମାର ଦୁଇ ଜଣ ବଡ଼ କଳାକାର ଚିୟାନ ବିକ୍ରମ ଓ ସୂର୍ଯ୍ୟାଙ୍କୁ ଫିଲ୍ମରେ କାଷ୍ଟ କରିବାର ଯୋଜନା କରୁଛନ୍ତି । ଏହି ଖବର ଦର୍ଶକ ମହଲରେ ହଲ୍‌ଚଲ୍ ସୃଷ୍ଟି କରିଦେଇଛି । ଯଦି ସବୁ କିଛି ଠିକ୍ ରହିଲା ତେବେ ଶଙ୍କରଙ୍କ ସହିତ ବିକ୍ରମଙ୍କର ଏହା ତୃତୀୟ ଫିଲ୍ମ ହେବ । ଏହା ପୂର୍ବରୁ 'ଅନ୍ନିୟନ' ଓ 'ଆଇ' ପରି ଫିଲ୍ମ ସେମାନେ ଏକା ସହିତ କରିସାରିଛନ୍ତି । କିନ୍ତୁ ଶଙ୍କରଙ୍କ ସହିତ ସୂର୍ଯ୍ୟାଙ୍କର ଏହା ହେଉଛି ପ୍ରଥମ ଫିଲ୍ମ । ଏହି ଫିଲ୍ମ ଜରିଆରେ ୨୧ ବର୍ଷ ପରେ ବିକ୍ରମ ଓ ସୂର୍ଯ୍ୟା ପୁଣି ଥରେ ଏକା ସହିତ ନଜର ଆସିବେ । ଏହା ପୂର୍ବରୁ ଫିଲ୍ମ ପିଥମଗନ (୨୦୦୩)ରେ ସେମାନେ କାମ କରିଥିଲେ । ବର୍ତ୍ତମାନ ଶଙ୍କର ତାଙ୍କର ଆଗାମୀ ଫିଲ୍ମ 'ଗେମ୍ ଚେଞ୍ଜର୍'କୁ ନେଇ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମରେ ରାମ ଚରଣ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି । ଫିଲ୍ମଟି ୨୦ ଡିସେମ୍ବରରେ ରିଲିଜ ହେବ । ଶଙ୍କରଙ୍କ ଖାତାରେ 'ଇଣ୍ଡିଆନ୍-୩' ମଧ୍ୟ ରହିଛି ।


# ମହାକାବ୍ୟ ଦ୍ୱାରା ପ୍ରେରିତ ଅଜୟଙ୍କ ଚରିତ୍ର




'ସିଂଘମ୍' ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ 'ସିଂଘମ୍ ଏଗେନ୍'କୁ ନେଇ ଦର୍ଶକ ମହଲରେ ବେଶ୍ ଉତ୍କଣ୍ଠା ରହିଛି । ଏବେ ଏହି ଫିଲ୍ମକୁ ନେଇ ଏକ ନୂଆ ଖବର ଶୁଣିବାକୁ ମିଳୁଛି ଯାହାକୁ ଶୁଣି ଦର୍ଶକମାନେ ଆହୁରି ଉତ୍ସାହିତ ହୋଇଯାଇଛନ୍ତି । 'ସିଂଘମ୍'ରେ ଅଜୟ ବାଜିରାଓ ସିଂଘମ୍ ହୋଇ ଦୁଷ୍ଟ ଲୋକଙ୍କ ବିରୁଦ୍ଧରେ ଲଢ଼ିଛନ୍ତି । କିନ୍ତୁ ରୋଚକପୂର୍ଣ୍ଣ କଥା ହେଲା ରୋହିତ ସେଟି ପ୍ରତିଷ୍ଠିତ ଭାରତୀୟ ମହାକାବ୍ୟ 'ରାମାୟଣ'ରୁ ପ୍ରେରଣା ନେଇଛନ୍ତି । ରାମାୟଣର କାହାଣୀ ବର୍ଷ ବର୍ଷ ଧରି ଫିଲ୍ମ ନିର୍ମାତାମାନଙ୍କୁ ପ୍ରେରଣା ଯୋଗେଇ ଆସିଛି । ତେଣୁ ରୋହିତ ଫିଲ୍ମ 'ସିଂଘମ୍ ଏଗେନ୍'ର କାହାଣୀରେ ଦର୍ଶକମାନଙ୍କୁ ଆମ ସଂସ୍କୃତି ସହିତ ଜଡ଼ିତ ହୋଇଥିବା କିଛି ନୂଆ ଦେବାକୁ ଚାହୁଁଥିଲେ । ଏହି ଫିଲ୍ମରେ ଅଜୟଙ୍କ ଚରିତ୍ରଟି ମହାକାବ୍ୟ ଦ୍ୱାରା ପ୍ରେରିତ ହୋଇଥିବା କଥା କୁହାଯାଉଛି । ଏଥର ସିଂଘମ୍ ଶତ୍ରୁଙ୍କୁ ନାଶ କରିବା ପାଇଁ ଶ୍ରୀଲଙ୍କା ଯିବ । ଫିଲ୍ମରେ ଅର୍ଜୁନ କପୁର ଆତଙ୍କବାଦୀ ଭୂମିକାରେ ନଜର ଆସିବେ । ଶ୍ରୀଲଙ୍କାରେ ଅଜୟ, ଅର୍ଜୁନଙ୍କ ଚରିତ୍ର ସହିତ ମୁକାବିଲା କରିବ । ଫିଲ୍ମରେ କରୀନା କପୁର, ଦୀପିକା ପାଦୁକୋନ, ଟାଇଗର ଶ୍ରଫ୍ ଓ ଜ୍ୟାକି ଶ୍ରଫ୍ ଅଛନ୍ତି । ରଣବୀର ସିଂହ ଓ ଅକ୍ଷୟ କୁମାରଙ୍କର ଏଥିରେ କ୍ୟାମିଓ ଭୂମିକା ରହିଛି ।

# ଶହେ କୋଟିର 'ଦେବରା'






ତେଲୁଗୁ ସୁପରଷ୍ଟାର ଜୁନିଅର ଏନ୍‌ଟିଆର୍‌ଙ୍କ ଲାଟେଷ୍ଟ ଫିଲ୍ମ 'ଦେବରା' ରିଲିଜ ହୋଇ ସାରିଛି । ବକ୍ସ ଅଫିସ୍‌ରେ ଫିଲ୍ମଟି ତୋଫାନୀ କଲେକ୍ସନ କରି ରେକର୍ଡ କରିବ ବୋଲି ଆଶା ରହିଛି । 'ଦେବରା-୧'ର ଅଗ୍ରୀମ ଟିକେଟ ବୁକିଂରୁ ଏହାର ଦମ୍‌ଦାର ଆୟ ବିଷୟରେ ଅନୁମାନ କରାଯାଉଛି । ଫିଲ୍ମଟି ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ୬୫-୭୦ କୋଟି ଓ କର୍ଣ୍ଣାଟକରେ ୧୦ କୋଟି ଆୟ କରିନେବ । ତାମିଲନାଡୁ, କେରଳ ଓ ଉତ୍ତର ଭାରତରେ ଫିଲ୍ମଟି ୧୧-୧୨ କୋଟି ଆୟ କରିପାରେ । ସେହିପରି ବିଦେଶରେ ଫିଲ୍ମଟି ୪୫ କୋଟି ଆୟ କରିବ ବୋଲି ଏକ ରିପୋର୍ଟ କହିଛି । ଏହିଭଳି ଭାବରେ ପୂରା ବିଶ୍ୱରେ ଏହା ୧୩୧-୧୩୭ କୋଟି ମଧ୍ୟରେ ଆୟ କରିବ । ଏହି ଆୟ ବିଜୟ ଥଲାପତିଙ୍କ ଫିଲ୍ମ 'ଗୋଟ୍' ଓ ଶ୍ରଦ୍ଧା କପୁରଙ୍କ ବ୍ଲକ୍‌ବଷ୍ଟର ଫିଲ୍ମ 'ସ୍ତ୍ରୀ-୨'ର ଓପନିଂ କଲେକ୍ସନକୁ ଟକ୍କର ଦେବ । କୋରଟଲା ଶିବାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'ଦେବରା-୧' ଜରିଆରେ ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଦକ୍ଷିଣ ଭାରତୀୟ ଫିଲ୍ମରେ ଡେବ୍ୟୁ କରିଛନ୍ତି । ଏଥିରେ ସୈଫ୍ ଅଲୀ ଖାନଙ୍କୁ ଭିଲେନ୍ ଅବତାରରେ ଦେଖିବାକୁ ମିଳୁଛି ।




ଲାଳନ ପାଳନ

# ଆଦର୍ଶ କାହାଣୀ ଦେଖାନ୍ତୁ







ପିଲାଙ୍କୁ ଅନେକ ସମୟରେ ଆମେ ମୋବାଇଲ ବ୍ୟବହାର କରିବାକୁ ଦେଇଥାଉ କିମ୍ବା ପିଲାଟି ଜିଦ୍ ଧରିବା କାରଣରୁ ବାଧ୍ୟ ହୋଇ କିଛି ସମୟ ପାଇଁ ମୋବାଇଲ ଦେଖାଇ ବୁଝାଇଥାଉ । ଅନେକ ଅଭିଭାବକ ପିଲାଙ୍କୁ ମୋବାଇଲ ଦେଇ ନିଜ କାମରେ ବ୍ୟସ୍ତ ରୁହନ୍ତି, ଯେଭଳି ପିଲାଟି ହଇରାଣ ନକରୁ । କିନ୍ତୁ ଆମେ ଧ୍ୟାନ ଦେଇ ନଥାଉ ଯେ ପିଲାଟି ମୋବାଇଲରେ କଣ ଦେଖୁଛି ? ଆଜିକାଲି ସୋସିଆଲ ମିଡିଆରେ ଯେଭଳି ଭାବରେ ରିଲ୍ସର ପ୍ରାର୍ଦୁଭାବ ଦେଖାଗଲାଣି, ପିଲାଟି ମୋବାଇଲ ଖୋଲୁ ଖୋଲୁ ଅନେକ ମଜାଦାର ରିଲ୍ସ ଆଖିରେ ପଡ଼େ ଓ ସେସବୁ ଦେଖିବାରେ ବ୍ୟସ୍ତ ରୁହେ । ସୋସିଆଲ ମିଡିଆରେ ଯେତେସବୁ ରିଲ୍ସ ଦେଖିବାକୁ ମିଳିଥାଏ, ଅନେକ ଗୁଡ଼ିଏ ପିଲାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଅନେକ ଅଶାଳୀନ ଭିଡିଓ ମଧ୍ୟ ଦେଖିବାକୁ ମିଳିଥାଏ । ଏହି ଭିଡିଓଗୁଡ଼ିକ କୋମଳମତି ପିଲାଙ୍କ ଉପରେ ଅନେକ ପ୍ରଭାବ ପକାଇଥାଏ । ଅନେକ ଭିଡିଓରୁ ସମୟ ନଷ୍ଟ ହୁଏ ସିନା କୌଣସି ଭଲ କଥା, ଦେଖିବାକୁ ମିଳେନାହିଁ । ଏଣୁ ପିଲାଙ୍କୁ ମୋବାଇଲ ଦେଖିବାକୁ ଦେଉଥିବା ଅଭିଭାବକମାନେ ସଚେତନ ହେବା ଦରକାର । ପିଲାଟି କେଉଁ ଭିଡିଓ ଦେଖିବା ଦରକାର ଓ କେଉଁ ଭିଡିଓ ନଦେଖିବା ଦରକାର ନିଜେ ସିଦ୍ଧାନ୍ତ କରିବା ଦରକାର । ଅନେକ ଦରକାରୀ ତଥା ଶିକ୍ଷଣୀୟ ଭିଡିଓ ରହିଥିଲେ ସୁଦ୍ଧା ପିଲାଟି ଜାଣି ନଥିବା କାରଣରୁ ସେଗୁଡ଼ିକୁ ଦେଖିପାରେ ନାହିଁ । ଏଣୁ ଅଭିଭାବକମାନେ ପିଲାଙ୍କୁ ଅନେକ ଆଦର୍ଶ କାହାଣୀ, ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ, ତଥା ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ସଫଳତାର କାହାଣୀ ଦେଖାଇବା ଦରକାର । ପିଲାଙ୍କୁ ଅନେକ ଶିକ୍ଷଣୀୟ ଭିଡିଓ ଦେଖିଲେ, ସେମାନେ ଅନେକ କଥା ଶିଖିପାରିବେ । ଥରେ ଏହି ଭିଡିଓ ଦେଖିବାରେ ଅଭ୍ୟସ୍ତ ହୋଇଗଲେ, ଆଉ କୌଣସି ଅନାବଶ୍ୟକ ଭିଡିଓ ଦେଖିବାକୁ ମନ କରିବେ ନାହିଁ ।


କ୍ୟାରିୟର

# ତ୍ୟାଗ ଦରକାର



ସମସ୍ତେ ଆଜିକାଲି ଏତେ ବ୍ୟସ୍ତବହୁଳ ହୋଇଗଲେଣି ଯେ ସମୟ ନିର୍ଘଣ୍ଟ ମଧ୍ୟରେ କାଳାତିପାତ କରୁଛନ୍ତି । କାହା ପାଖରେ ଟିକେ ଫୁରସତ୍ ନାହିଁ, କାହା ସହ ବସି ହସଖୁସି କରିବା କି ସମୟ ବିତାଇବା । ଚାକିରି ଜୀବନ ଓ ସାଂସାରିକ ଜୀବନର ଭାଗମାପ ମଧ୍ୟରେ ସମସ୍ତେ ମାପିଚୁପି ବାଟ ଚାଲିଥାନ୍ତି । ଅଫିସ କାର୍ଯ୍ୟ ମଧ୍ୟ ସେମିତି । ଯେତିକି ସମୟ ଅଫିସରେ କାମ କରିବାକୁ ଦାର୍ଯ୍ୟ କରାଯାଇଥାଏ, ସେତିକି ସମୟ କାମ କଲା ପରେ ଘରକୁ ଆସିବାକୁ ସମସ୍ତେ ବ୍ୟସ୍ତ ହୋଇପଡ଼ିଥାନ୍ତି । ଯଦିଓ ଅନେକ ସମୟରେ ଅଫିସରେ ଅଧିକ କାର୍ଯ୍ୟଭାର ରହିଯାଇଥାଏ, ତାହା କିନ୍ତୁ ସମାପ୍ତ ନକରି ଆସନ୍ତାକାଲିକୁ କାମ ରଖି ଅନେକ ଚାଲିଆସିଥାନ୍ତି । ଏହା କିନ୍ତୁ ଆମର ୱାର୍କ ଏଥିକ୍ସକୁ ଭୁଲ ପ୍ରାମଣିତ କରିଥାଏ । ଆମେ ଘର ପାଇଁ ଯେମିତି ତ୍ୟାଗ ଦେଉଛେ, ଅଫିସ ପାଇଁ ମଧ୍ୟ ସେମିତି ତ୍ୟାଗ ଦେବା ଦରକାର । ଯଦି ଆମ ଉପରେ କୌଣସି କାର୍ଯ୍ୟଭାର ରହିଛି ଓ ନିର୍ଦ୍ଦିଷ୍ଟ ସମୟରେ ସାରିବାକୁ ପଡ଼ିବ, ତାହା ମଧ୍ୟ କରିବା ଦରକାର । ଯେଉଁ କାର୍ଯ୍ୟ ଆମକୁ ତଥା ଆମ ପରିବାରକୁ ପ୍ରତିପୋଷଣ ପାଇଁ ସାହାରା ହେଉଛି, କାର୍ଯ୍ୟରେ ଅବହେଳା କରିବା ଉଚିତ ନୁହେଁ । ସବୁବେଳେ ନହେଲେ ବି ଆବଶ୍ୟକ ସମୟରେ ଅଫିସରେ ଯଦି ଅଧିକ କାମ ରହୁଛି, ତାହା କରିବା ଦରକାର । ଯଦି ଆମର ନିଷ୍ଠା ସହିତ ତ୍ୟାଗ ରହିବ ନାହିଁ, ଆମେ ଆଗକୁ ଯିବା ପାଇଁ ପଥ ପରିଷ୍କାର ହେବନାହିଁ ।





# ବିରଳ ମହାତ୍ମା ସ୍ୱାମୀ ଚିଦାନନ୍ଦ

ସୃଷ୍ଟିର କଲ୍ୟାଣରେ ନିତ୍ୟ ନିରତ ଯୁକ୍ତ ଥିବା ବ୍ୟକ୍ତିମାନେ ସାଧୁପଦବାଚ୍ୟ। ସନାତନ ସଂସ୍କୃତିର ଏହି ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ବିବେଚନା କରାଯାଇ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମା ମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଏହି ଧରଣୀକୁ ଧାରଣ କରିବା ସହିତ ସମାଜକୁ ସତମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଆଧୁନିକ ବିଶ୍ୱର ସେହିଭଳି ଜଣେ ମହାନ ସନ୍ଥ ମହାତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସେ ବିଶ୍ୱବାସୀଙ୍କୁ ଦିବ୍ୟ ଜୀବନ ମାର୍ଗଦର୍ଶନ କରାଇଛନ୍ତି।

୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିକ ଦିନ ଏହି ଦିବ୍ୟ ଆତ୍ମା ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଧରାବତରଣ କରିଥିଲେ। ଏକ ପ୍ରଖ୍ୟାତ ସଂସ୍କୃତି ସମ୍ପନ୍ନ ବ୍ରାହ୍ମଣ ପରିବାର। ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ। ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ଓ ପ୍ରଭାବଶାଳୀ ବ୍ୟକ୍ତି। ଲୋକେ ତାଙ୍କୁ ସେଠାକାର ମୁକୁଟ ବିହୀନ ସମ୍ରାଟ ଭାବି ଜ୍ଞାନ କରୁଥିଲେ। ଶ୍ରଦ୍ଧାରେ ଏହି ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ। ଶିଶୁ ଶ୍ରୀଧର ବହୁବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲେ।

ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ଆଧ୍ୟାତ୍ମିକ। ପିଲା ଦିନ ଏହି ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ ସେ କୃତୀତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ଜଣେ ବୈମାନିକ ହେବା ପାଇଁ ତାଙ୍କୁ ନିଯୁକ୍ତି ପତ୍ର ପ୍ରାପ୍ତ ହୋଇଥିଲା। ସଂସାରର ସମସ୍ତ ସୌଭାଗ୍ୟ ତାଙ୍କୁ ଆଉ ବାନ୍ଧି ପାରିଲା ନାହିଁ। ସମସ୍ତ ଆକର୍ଷଣ ତ୍ୟାଗ କରି ସେ ପରମସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ। ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣରେ ନିଜକୁ ସମର୍ପି ଦେଇଥିଲେ। କିଛି ବର୍ଷର ସେବା ଓ ସାଧନାରେ ପ୍ରୀତ ହୋଇ ୧୯୪୯ ମସିହା ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀ ବ୍ରହ୍ମଚାରୀ ଶ୍ରୀଧରଙ୍କୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି ସ୍ୱାମୀ ଚିଦାନନ୍ଦ ନାମରେ ନାମିତ କରିଥିଲେ। ଗୁଣ ଚିହ୍ନେ ଗୁଣିଆ, ଗୁରୁ ଶିବାନନ୍ଦ ଶିଷ୍ୟର ଆଧ୍ୟାତ୍ମିକ ସ୍ଥିତି ଓ ଜନ୍ମ ଜନ୍ମର ସାଧନାକୁ ଅନୁଭବ କରି ଯଥାର୍ଥ ରୂପେ ଚିଦାନନ୍ଦ ନାମ ପ୍ରଦାନ କରିଥିଲେ। ସେ କହିଥିଲେ - ସ୍ୱାମୀଜୀ ଶିଷ୍ୟ ଚିଦାନନ୍ଦଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ ସ୍ୱାମୀ ଚିଦାନନ୍ଦ ବାସ୍ତବରେ ମୋର ଗୁରୁ ହେବାକଥା। କୌଣସି କର୍ମ ବିପାକରୁ ଏବେ ସେ ମୋର ଶିଷ୍ୟ ହୋଇଛନ୍ତି। ପିଲାଟି ଦିନରୁ ତାଙ୍କ ଭିତର ଅନେକ ଦିବ୍ୟ ଭାବର ପ୍ରକାଶ ଘଟିଥିଲା।

ଗଭୀର ଆଧ୍ୟାତ୍ମିକ ସାଧନା ସହିତ ସେବା, ପ୍ରେମ ଓ ବିନୟ ଭାବକୁ ଜୀବନର ଭୂଷଣ ଭାବେ ସେ ଗ୍ରହଣ କରିନେଇଥିଲେ। ନିଜେ ବ୍ରହ୍ମାନନ୍ଦରେ ବିଭୋର ହୋଇ ସର୍ବଦା ବ୍ରାହ୍ମିସ୍ଥିତିରେ ସ୍ଥିର ରହୁଥିଲେ ଏବଂ ସର୍ବତ୍ର ବ୍ରହ୍ମ ଦର୍ଶନ କରୁଥିଲେ। ତାଙ୍କ ଆଚରଣ ଓ ଉଚ୍ଚାରଣରେ ଏହି ଭାବ ସ୍ୱଷ୍ଟ ଫୁଟି ଉଠୁଥିଲା। ସେ ଅଲୌକିକତାରେ ବିଶ୍ୱାସ କରୁନଥିଲେ। କିନ୍ତୁ ଭକ୍ତମାନଙ୍କ ଅନୁଭବରେ ତାଙ୍କର ଅନେକ ଅଲୌକିକତା ଅନୁଭୂତ ହେଉଥିଲା। ସେ ଥିଲେ ସେବାର ମୂର୍ତ୍ତିମନ୍ତ ବିଗ୍ରହ। ସମାଜରେ ସବୁଠାରୁ ପତିତ କୋଷ୍ଠ ରୋଗୀମାନେ ଥିଲେ ତାଙ୍କ ପାଇଁ ସାକ୍ଷାତ ନାରାୟଣ। ତାଙ୍କ ବଙ୍ଗଳାର ପାଚେରୀ ଚାରିପଟେ ସେ ଛୋଟ ଛୋଟ କୁଟୀର ନିର୍ମାଣ କରି ସେଠାରେ କୋଷ୍ଠ ରୋଗୀମାନଙ୍କୁ ରଖି ନାରାୟଣ ଜ୍ଞାନରେ ସେବାପୂଜା କରୁଥିଲେ। ଏହି ଭାବରେ ସେ ଜୀବନ ସାରା ବ୍ରତୀ ଥିଲେ।



ତାଙ୍କ ମା'ଥିଲେ ଜଣେ ମହୀୟସୀ ମହିଳା। ମାଆଙ୍କ ପ୍ରଭାବ ଗଭୀର ଭାବେ ତାଙ୍କ ଉପରେ ପଡ଼ିଥିଲା। ମଣିଷ, ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ, ବୃକ୍ଷଲତାମାନେ ମଧ୍ୟ ତାଙ୍କ କୃପା କଟାକ୍ଷରୁ ବାଦ ପଡୁନଥିଲେ। ପାଣିରେ ପଡ଼ିଯାଇଥିବା ପତଙ୍ଗର ଉଧାର ପାଇଁ ଯନ୍ତ୍ରଣାରେ ଛଟପଟ ହେଉଥିବା ବୁଲାକୁକୁରର, ଗଳି କ୍ଷେତ ସଫା କରି ତାକୁ ଆରାମ ଦେବା ପାଇଁ, ଏହିଭଳି ବିଭିନ୍ନ ଅବସ୍ଥାରେ ସେ ଦୁଃଖୀଟିଏ ଦେଖିଲେ ତା ଦୁଃଖର ଉପଷମ ପାଇଁ ତତ୍ପର ହୋଇ ଉଠୁଥିଲେ। ନିଜ ବାରଣ୍ଡାରେ ଥିବା ଫୁଲ କୁଣ୍ଡ ଗୁଡ଼ିକ ଜଳ ବିନା ଝାଉଁଳି ପଡ଼ିଥିଲେ, ସେ ସଙ୍ଗେ ସଙ୍ଗେ ନିଜେ ଜଳ ଦେଇ ସାରି ଦାୟିତ୍ୱରେ ଥିବା ସେବକ ଭକ୍ତ ମାନଙ୍କୁ ପଚାରିଲେ ଏହି କୁଣ୍ଡ ମାନଙ୍କରେ କେତେ ଦିନ ହେବ ପାଣି ଦିଆଯାଇନାହିଁ। ତିନି ଦିନ ହେବ ଦିଆହୋଇନାହିଁ ଜାଣିପାରି ସେ କାହାକୁ କିଛି ନକହି ଆତ୍ମଦଣ୍ଡ ସ୍ୱରୂପ ତିନି ଦିନ କାଷ୍ଠା ଉପବାସ ରହିଲେ। ଏହାକୁ ପାପର ପ୍ରାୟଶ୍ଚିତ ବୋଲି ବ୍ୟଥାତୁର ଭାବରେ ବ୍ୟକ୍ତ କଲେ। ଏହିଭଳି ଅସଂଖ୍ୟ ଉଦାହରଣରେ ତାଙ୍କ ଅତି ମାନବୀୟ ସେବାକୃତି ପୂର୍ଣ୍ଣ ଜୀବନଚର୍ଯ୍ୟା ଋଦ୍ଧିମନ୍ତ।

୧୯୪୮ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ତାଙ୍କ ଆଶ୍ରମ ଋଷିକେଶରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟକ ବିଶ୍ୱ ବିଦ୍ୟାଳୟ। ସ୍ୱାମୀ ଚିଦାନନ୍ଦଙ୍କୁ ସେ ସେହି ବିଦ୍ୟାଳୟର କୁଳପତି ଓ ରାଜଯୋଗର ଆଚାର୍ଯ୍ୟ ଦାୟିତ୍ୱରେ ଅବସ୍ଥାପିତ କରିଥିଲେ। ଗୁରୁଙ୍କ ଆଦେଶକୁ ଆଶୀର୍ବାଦ ରୂପ ଧାରଣ କରି ସେ ବିଶ୍ୱ ଭ୍ରମଣ କରିଥିଲେ। ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ଯୋଗ ବେଦାନ୍ତ ଆଦିର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତ ମାନଙ୍କର ହୃଦୟ ଜିଣି ନେଇଥିଲେ। ମାର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା। ନମ୍ରତା ତାଙ୍କର ଭୂଷଣ ଥିଲା। ଭାରତ ବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ମର୍ଯ୍ୟାଦାବନ୍ତ ରାମ ଭଗବାନ ବୋଲି କହିବାକୁ ଭୁଲୁ ନଥିଲେ। ବିଶ୍ୱ ବନ୍ଦିତ ପରମହଂସ ପ୍ରଜ୍ଞାନନନ୍ଦଙ୍କ ଗୁରୁ ପରମହଂସ ହରିହରା ନନ୍ଦ ଥରେ ଶିଷ୍ୟ ପ୍ରଜ୍ଞାନାନନ୍ଦଙ୍କୁ କହିଥିଲେ ସାଧନ କ୍ଷେତ୍ରରେ ନମ୍ରତା ଶ୍ରେଷ୍ଠ ଅବଲମ୍ବନ। ଯଦି ଜୀବନରେ ନମ୍ରତା ଶିକ୍ଷା କରିବାର ଅଛି ତେବେ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ ଅନୁକରଣ କର।



ସ୍ୱାମୀ ଚିନ୍ମୟାନନ୍ଦଜୀ ଗୀତର ଜଣେ ପ୍ରଚଣ୍ଡ ପ୍ରବକ୍ତା ଭାବେ ସାରା ବିଶ୍ୱରେ ପରିଚିତ। ଏକଦା ଏକ ବିଶ୍ୱ ବିଦ୍ୟାଳୟରେ ଗୀତା ୨ୟ ଅଧ୍ୟାୟରେ ବର୍ଣ୍ଣିତ ସ୍ଥିତପ୍ରଜ୍ଞ ଲକ୍ଷଣ ବିଷୟରେ ପ୍ରବଚନ ଦେଉଥିଲେ। ଜଣେ ପ୍ରଫେସର ଠିଆ ହୋଇ ପ୍ରଶ୍ନ କଲେ ସ୍ୱାମୀଜୀ ଆପଣ ସ୍ଥିତପ୍ରଜ୍ଞର ଯେଉଁ ଲକ୍ଷଣ ସବୁ କହୁଛନ୍ତି ଏପରି ବ୍ୟକ୍ତି କଣ ଏ ପୃଥିବୀରେ ଅଛନ୍ତି ? ସ୍ୱାମୀଜୀ ତତକ୍ଷଣାତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ କଥା ଉଲ୍ଲେଖ କରିଥିଲେ। ଦିବ୍ୟ ଜୀବନ ସଂଘର ସଭାପତି ଅଛନ୍ତି। ସେ ଜଣେ ସ୍ଥିତପ୍ରଜ୍ଞ ଯୋଗୀ। ନର ଦେହେ ନାରାୟଣ ଭଳି ଋଷିକେଶ ସ୍ଥିତ ଶିବାନନ୍ଦ ଆଶ୍ରମରେ ନିବାସ କରୁଛନ୍ତି। ସତରେ ସ୍ୱାମୀ ଚିଦାନନ୍ଦଙ୍କ ଭଳି ପରଦୁଃଖ କାତର ସର୍ବଭୂତ ହିତେ ରତା ମହାତ୍ମା ଜଗତରେ ବିରଳ।

ସେ ଥିଲେ ଜଣେ ସୁଲେଖକ, ଉତ୍ତମ ବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ, ବହୁ ପୁସ୍ତକର ପ୍ରଣେତା। ତାଙ୍କ ନାମ ଶୁଣି ଲୋକମାନେ ପୃଥିବୀର କୋଣ ଅନୁକୋଣରୁ ଧାଇଁ ଆସୁଥିଲେ। ସ୍ୱାମୀଜୀ ଥିଲେ ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ। ୧୯୬୩ରେ ସ୍ୱାମୀ ଶିବାନନ୍ଦ ମହାସମାଧି ପ୍ରାପ୍ତ ହେଲେ। ସେବେଠାରୁ ଅଗଷ୍ଟ ୨୮ ତାରିଖ ୨୦୦୮ ପର୍ଯ୍ୟନ୍ତ ସେ ଦିବ୍ୟ ଜୀବନ ସଂଘର ସଭାପତି ରହି ମହାସମାଧି ପ୍ରାପ୍ତ ହୋଇଥିଲେ। ସ୍ୱାମୀଜୀଙ୍କ ମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା ହେଲେ ଗୁରୁ ଚିଦାନନ୍ଦ କୋଟି ପ୍ରାଣର ଦେବତା ହୋଇ ରହିଗଲେ। ତାଙ୍କର ଶୁଭ ଜନ୍ମ ଦିନରେ ସେହି ବିଶ୍ୱ ପ୍ରାଣ ମହା ମାନବଙ୍କୁ ବିନମ୍ର ପ୍ରଣତୀ।

**ହେମନ୍ତ କୁମାର ପରିଡ଼ା, ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି,**
**ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬**

■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# କେତେ ଭଲ ଗର୍ଭ ନିରୋଧକ ବଟିକା ?

ଡାକ୍ତର କାନ୍ତୀ ନାୟକ



ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟନରୁ ଜଣାଯାଇଛି ଭାରତରେ କେବଳ ୪୮.୫% ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ ।

ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନିୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ହୋଇଯିବା ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ି ଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃକାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃକାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୁଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୁଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା





କାମକରେ ନାହିଁ ।

ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ । ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପାଞ୍ଚ ମିଲିଗ୍ରାମର ଫଲିକ୍ ଏସିଡ଼ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

**ବିଶ୍ୱ ଗର୍ଭନିରୋଧ ଦିବସ (ସେପ୍ଟେମ୍ବର ୨୬)**

ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ପାଳିତ ହୋଇଥାଏ ବିଶ୍ୱ ଗର୍ଭନିରୋଧ ଦିବସ। ବିଶ୍ୱରେ ଜନସଂଖ୍ୟା ଯେଉଁ ହାରରେ ବଢ଼ିବାରେ ଲାଗିଛି, ଏହାକୁ ରୋକା ନଗଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଅନ୍ୟ ପ୍ରାଣୀ ପ୍ରଥମେ ଧ୍ୱଂସ ପାଇଯିବେ, ଶେଷରେ ମଣିଷ। ଜନସଂଖ୍ୟା ବୃଦ୍ଧି ଯୁଦ୍ଧଠାରୁ ଆରମ୍ଭ କରି ନାନା ମଣିଷକୃତ ଓ ପ୍ରାକୃତିକ ବିପର୍ଯ୍ୟୟ ଆଣିଦେବ। ତେଣୁ ଗର୍ଭନିରୋଧର କୌଣସି ବିକଳ୍ପ ନାହିଁ। ଏକ ବା ଦୁଇରୁ ଅଧିକ ସନ୍ତାନ ସୃଷ୍ଟି ନକରିବା ପାଇଁ ପ୍ରତ୍ୟେକ ଦମ୍ପତି ଯତ୍ନବାନ ହେବା ଉଚିତ। ଏ ବାବଦରେ ସଚେତନତା ସୃଷ୍ଟି ଏବଂ ଗର୍ଭନିରୋଧକ ସାମଗ୍ରୀର ବ୍ୟାପକ ପ୍ରଚଳନ, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ,**
**ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,**
E-mail : drkanti111nayak@gmail.com





ମହକ

## ବହୁବିଧ ସେବାରେ ବ୍ରତୀ : ବିଶିଷ୍ଟ ସମାଜସେବୀ ଡ.ଚିନ୍ମୟ ଦାଶ




ସେହି ମଣିଷ ଧନ୍ୟ ଯାହାର ଜୀବନ ସମାଜ ପାଇଁ ସମର୍ପିତ। ସେହିଭଳି ଜଣେ ଆମ ସମୟର ଯୋଗଜନ୍ମା, ଜଣେ ବିଶିଷ୍ଟ ସମାଜସେବୀ, ଉଚ୍ଚକୋଟୀର ବକ୍ତା, ଶିକ୍ଷାବିତ୍, ଭାଷା ସଂସ୍କୃତି ସୁରକ୍ଷା ତଥା ଏହାର ପ୍ରଚାର ପ୍ରସାର ଦିଗରେ ସାଧନାରତ ଗବେଷକ ଡ.ଚିନ୍ମୟ ଦାଶ ଅନ୍ୟତମ। ପଣ୍ଡିତ ଗୁଣନିଧି ଦାଶ ଓ ସ୍ୱର୍ଗତାଃ ରମା ସୁନ୍ଦରୀ ଦାଶଙ୍କ କୋଳ ମଣ୍ଡନ କରି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ନନ୍ଦିପୁର ପଞ୍ଚାୟତର ବାବଲପୁର ଗ୍ରାମରେ ୧୯୮୩ ମସିହା ଜାନୁୟାରୀ ୨୬ ତାରିଖରେ ଜନ୍ମ ଗ୍ରହଣ କରନ୍ତି ଏହି ବ୍ୟକ୍ତିତ୍ୱ ଜଣଙ୍କ। ନିଜ ଗ୍ରାମର ବାପୁଜୀ ଉ.ପ୍ରା.ବିଦ୍ୟାଳୟ,ଦଧିବାମନ ମ.ଇ.ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ ବାଲ୍ୟଶିକ୍ଷା ସମାପ୍ତ ପରେ ଉଚ୍ଚ ଶିକ୍ଷାଲାଭ ପାଇଁ ମାଡ୍ରାସ ବିଶ୍ୱବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟରୁ ଅନେକ ଗୁଡ଼ିଏ ବିଷୟରେ ସ୍ନାତକୋତ୍ତର, ସ୍କିଂଫିଲ୍ଡ ଖ୍ରୀଷ୍ଟିଆନ୍ ବିଶ୍ୱବିଦ୍ୟାଳୟ ଆମେରିକାରୁ (ଡି.ଲିଟ) ପାଠ୍ୟକ୍ରମ ଓ ଉତ୍କଳ ବିଶ୍ୱବଦ୍ୟାଳୟ ଅଧୀନରେ ଆଇନରେ ସ୍ନାତକ ଶିକ୍ଷା ଲାଭ ସହ ଉର୍ଦ୍ଧ୍ୱରେ ଡିପ୍ଲୋମା ଲାଭ କରିଛନ୍ତି। ଏବେ ଜଣେ ଦକ୍ଷ କାଉନସେଲର ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ କାର୍ଯ୍ୟ ସହ ଅନେକ ସେବା କାର୍ଯ୍ୟର ଆଦି ସ୍ରଷ୍ଟା। ସେବାକୁ ଭଲ ପାଉଥିବା ଏହି ସାଧକ ଜଣକ ଜୀବନର ଲକ୍ଷ୍ୟ ରଖିଛନ୍ତି ସମଗ୍ର ପୃଥିବୀର ଗ୍ରାମାଞ୍ଚଳ ମାନଙ୍କରେ ଆର୍ଯ୍ୟାବର୍ତ୍ତନ ସଭ୍ୟତା ଓ ସଂସ୍କୃତିର ବିଚାରଧାରାକୁ ପହଞ୍ଚାଇବା ମର୍ମରେ 'ଚିନ୍ମୟ ଫାଉଣ୍ଡେସନ' ନାମରେ ଏକ ସାମାଜିକ ସଂଗଠନ ପ୍ରତିଷ୍ଠା କରିଛନ୍ତି। 'ମିଶନ ଅମୃତ ହସ୍ତମ୍' ମାଧମରେ ମାର୍ଚ୍ଚ ୨୦୨୦ ମସିହାରୁ ଏଯାବତ୍ ୧୬୫୦ରୁ ଉର୍ଦ୍ଧ୍ୱ ଦିନ ଧରି ଗରିବ, ଅସହାୟ, ଭିକ୍ଷୁକ, ବୁଭୁକ୍ଷୁ, ମାନସିକ ବିକାର ବ୍ୟକ୍ତିଙ୍କୁ ଖାଦ୍ୟ,ବସ୍ତ୍ର, ରାସନ ସାମଗ୍ରୀ ସହ ବିଭିନ୍ନ ରିଲିଫ୍ ସାମଗ୍ରୀ ବଣ୍ଟନର ନିରବଚ୍ଛିନ୍ନ ସେବା କରି ଚାଲିଛନ୍ତି। ଫାଉଣ୍ଡେସନର ଅନେକ ଲୋକାଭିମୁଖି କାର୍ଯ୍ୟକ୍ରମ ମଧ୍ୟରୁ ଆନ୍ତର୍ଜାତିକ ଶିଶୁ ଦକ୍ଷତା ଓ ପୂର୍ଣ୍ଣାଙ୍ଗ ବିକାଶ କାର୍ଯ୍ୟକ୍ରମ - ଆଶା ଆକାଶ କ୍ଲବ୍, ଆନ୍ତର୍ଜାତିକ ଯୁବ ଦକ୍ଷତା ବିକାଶ ଅଭିଯାନ, ଆମ ବୟୋଜ୍ୟେଷ୍ଠ ଅଭିଯାନ, ଆନ୍ତର୍ଜାତିକ କିନ୍ନର ସୁରକ୍ଷା ଅଭିଯାନ, ଆନ୍ତର୍ଜାତିକ ସବୁଜ ସୁରକ୍ଷା ଅଭିଯାନ - ବନାନୀ,ଇଣ୍ଟରର୍ନେସନାଲ ଭଲ୍ୟୁଣ୍ଟର୍ସ ଆସୋସିଏସନ୍ ଫର୍ ପିସ୍, ରମାସୁନ୍ଦରୀ ଦାଶ ମେମୋରିଆଲ ସ୍କୁଲ୍ ଅଫ୍ ଆର୍ଟ ଆଣ୍ଡ କଲଚର, ଆନ୍ତର୍ଜାତିକ ଗ୍ରାମୀଣ ପ୍ରତିଭା ଅନ୍ୱେଷଣ ଅଭିଯାନ, ଆନ୍ତର୍ଜାତିକ ଭାଷା ସୁରକ୍ଷା ଭାଷା ବିକାଶ ଓ ଗବେଷଣା ଅଭିଯାନ, ଆନ୍ତର୍ଜାତିକ ମୁକ୍ତାକାଶ ବିଦ୍ୟାଳୟ - ଅବଧାନଙ୍କ ପାଠଶାଳା, ମିଶନ୍ ଅମୃତ ହସ୍ତମ୍, ଆନ୍ତର୍ଜାତିକ ଆଧ୍ୟାତ୍ମିକ ଜାଗରଣ ଅଭିଯାନ, ଆନ୍ତର୍ଜାତିକ ମାନବାଧିକାର ଓ ମାନବ ସୁରକ୍ଷା ମଞ୍ଚ, ଗାଁ ପାଇଁ ଦିନଟିଏ ଆଦି କରାଯାଇ ଖୁବ୍ ସଫଳତା ହାସଲ କରିଛି। ସମଗ୍ର ପୃଥିବୀରେ ମାନବବାଦର ବିକାଶ ତଥା ଆର୍ଯ୍ୟାବର୍ତ୍ତନ ସଭ୍ୟତା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ବାବଲପୁର ସ୍ଥିତ ଆନ୍ତର୍ଜାତିକ ଲୋକ ସଂଗଠନ ଚିନ୍ମୟ ଫାଉଣ୍ଡେସନ ପକ୍ଷରୁ ୧୭ଟି ଦେଶରେ ବିଭିନ୍ନ ଆଞ୍ଚଳିକ ଶାଖା ଜରିଆରେ ଜାରି ରହିଛି ବହୁ କାର୍ଯ୍ୟକ୍ରମ ଯାହାର କଳନା ନାହିଁ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏକ ହଜାରରୁ ଉର୍ଦ୍ଧ୍ୱ ଭିନ୍ନ ଭିନ୍ନ କରୋନା ସଚେତନ ନାଟକ, ୧୨୦୦ ସଙ୍ଗୀତ, ୬୦୦ରୁ ଉର୍ଦ୍ଧ୍ୱ ପାଲା, ଦାସକାଠିଆ, ଖଞ୍ଜଣି, ଲାଉ ଧୁଡୁକି, ଘୁମୁରା, ଗୀତିନାଟ୍ୟ, ଚାଙ୍ଗୁ, ଡେହେଲେ, ରେଞ୍ଜା, ଝୁମର, ଦେଣ୍ଟା, ଢ଼ାବଲ ଆଦି ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ କରୋନା ସଚେତନତା ସହ ସାହିତ୍ୟ, ସଂସ୍କୃତି ସେବାରେ ନିମଗ୍ନ। ଏହି ମହାନ୍ ପ୍ରତିଭାଧର ବରେଣ୍ୟ ସାରସ୍ୱତ ସାଧକଙ୍କ ସାଧନା ସଫଳ ହେଉ ଏତିକି କାମନା ।








## ଅଙ୍ଗଦାନ



ଅଙ୍ଗଦାନ ସେମାନଙ୍କ ପାଇଁ ଏକ ବଡ଼ ଉପହାର, ଯାହାର ଅଙ୍ଗ ରୋଗ ଶେଷ ପର୍ଯ୍ୟାୟରେ ଅଛି ଏବଂ ଯିଏ ପ୍ରତିରୋପଣ ଆବଶ୍ୟକ କରନ୍ତି। ଯେଉଁ ବ୍ୟକ୍ତି ନିଜର ଅଙ୍ଗଦାନ କରନ୍ତି ତାଙ୍କୁ 'ଅଙ୍ଗଦାତା' କୁହାଯାଉଥିବାବେଳେ ଅଙ୍ଗ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ 'ପ୍ରାପ୍ତକର୍ତ୍ତା' କୁହାଯାଏ । ଅଧିକାଂଶ କ୍ଷେତ୍ରରେ ଅଙ୍ଗ ଗ୍ରହଣକାରୀଙ୍କ ଜୀବନ ବଞ୍ଚାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଅସୁସ୍ଥତା କିମ୍ବା ଆଘାତ ହେତୁ ତାଙ୍କ ଅଙ୍ଗ ନଷ୍ଟ ହୋଇଯାଇଥିଲେ, ସେମାନଙ୍କ ପାଇଁ ଏହା ଏକ ବଡ଼ ଆଶୀର୍ବାଦ। ଆଧୁନିକ ଚିକିତ୍ସା ବିଜ୍ଞାନ ଦ୍ୱାରା ଜଣେ ବ୍ୟକ୍ତିର ନିର୍ଦ୍ଦିଷ୍ଟ ଅଙ୍ଗପ୍ରତ୍ୟଙ୍ଗ ଅନ୍ୟ ବ୍ୟକ୍ତିର ଶରୀରରେ ପ୍ରତ୍ୟାରୋପଣ କରିଯାଇପାରୁଛି। ଜଣେ ବ୍ୟକ୍ତିର ମୃତ୍ୟୁ ପରେ, ତା'ର ବିଭିନ୍ନ ଅଙ୍ଗ ଅନ୍ୟ କେଉଁ ଜୀବିତ ବ୍ୟକ୍ତିର ଜୀବନ ବଞ୍ଚାଇପାରିବ। କିନ୍ତୁ ଅଙ୍ଗଦାନ ସମ୍ପର୍କିତ କିଛି ଅନ୍ଧବିଶ୍ୱାସ ରହିଛି, ଯେଉଁଥିପାଇଁ ଲୋକମାନେ ଅଙ୍ଗଦାନ କରିବା କ୍ଷେତ୍ରରେ ସେତେଟା ଆଗ୍ରହ ଦେଖାଉନାହାନ୍ତି।

ଅଙ୍ଗଦାନ ଦୁଇପ୍ରକାର। ଜୀବିତ ଅଙ୍ଗଦାନ ଓ ମୃତକ ଅଙ୍ଗଦାନ। ଜୀବିତ ଅଙ୍ଗଦାନ ହେଉଛି ଜଣେ ବ୍ୟକ୍ତି ବଞ୍ଚିଥିବା ଅବସ୍ଥାରେ ଅଙ୍ଗଦାନ କରିବା। ଜଣେ ବ୍ୟକ୍ତିର ଗୋଟିଏ କିଡ୍‌ନୀକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରତ୍ୟାରୋପଣ କରିବାକୁ ଜୀବିତ ଅଙ୍ଗଦାନ କୁହାଯାଏ। କିନ୍ତୁ ମୃତକ ଅଙ୍ଗଦାନ ହେଉଛି ଜଣେ ବ୍ୟକ୍ତିର ମୃତ୍ୟୁ ପରେ, ଉକ୍ତ ବ୍ୟକ୍ତିର ଇଚ୍ଛାପତ୍ର ଅନୁଯାୟୀ କୌଣସି ଅଙ୍ଗକୁ ଅନ୍ୟ କାହାର ଶରୀରରେ ପ୍ରତ୍ୟାରୋପଣ କରି ନୂତନ ଜୀବନ ପ୍ରଦାନ କରିବା। ତେଣୁ ଜୀବନ ରକ୍ଷାକାରୀ ରକ୍ତଦାନ ଭଳି ଅଙ୍ଗଦାନ ମଧ୍ୟ ଏକ ମହତକାର୍ଯ୍ୟ ବୋଲି ସମସ୍ତେ ବିଚାର କରି ଏ କ୍ଷେତ୍ରରେ ଆଗେଇ ଆସିବା ଆବଶ୍ୟକ। ବିଶ୍ୱରେ ଲକ୍ଷାଧିକ ଲୋକଙ୍କୁ ଅଙ୍ଗଦାନର ଅତ୍ୟଧିକ ଆବଶ୍ୟକତା ରହିଛି। ଅଙ୍ଗଦାନ ଦ୍ୱାରା ପୁରୁଣା ରୋଗରେ ପୀଡ଼ିତ ୮ ଜଣଙ୍କ ଜୀବନ ଜଣେ ବ୍ୟକ୍ତିଙ୍କ ଦ୍ୱାରା ରକ୍ଷା ହୋଇପାରିବ । ହୃତ୍ ?ପିଣ୍ଡ, କିଡ୍ ?ନୀ, ପାନ୍ ?କ୍ରିଆସ, ଫୁସ୍ ?ଫୁସ, ଯକୃତ, ଇଣ୍ଟେଷ୍ଟାଇନ୍, ହାତ, ମୁହଁ, ଟିସୁ, ବୋନ୍‌ମାରୋ ଓ ଷ୍ଟେମ୍ କୋଷିକା ଆଦି ଅଙ୍ଗ ଜଣେ ଦାନ କରିପାରିବେ। ମୃତ୍ୟୁ ପରେ ନିଜର ଅଙ୍ଗ ଦାନ କରିବାକୁ ଶପଥ ନେଇ ପଞ୍ଜୀକୃତ ଅଙ୍ଗଦାତା ହୋଇ ଅନେକ ଲୋକଙ୍କ ଜୀବନ ରକ୍ଷା କରିବାକୁ ଅଧିକରୁ ଅଧିକ ଲୋକଙ୍କୁ ଉତ୍ସାହିତ କରିବା।ସଚେତନତାର ଅଭାବ ଯୋଗୁ ଲୋକଙ୍କ ମନରେ ଅଙ୍ଗଦାନ ବିଷୟରେ ଅନେକ ଭ୍ରମ ଓ ଭୟ ରହିଛି। ଜଣେ ଜୀବିତ କିମ୍ବା ମୃତ ବ୍ୟକ୍ତିଙ୍କଠାରୁ ଅଙ୍ଗ ପୁନରୁଦ୍ଧାର ଅଭ୍ୟାସ ହେଉଛି ଅଙ୍ଗଦାନ।

ଅଙ୍ଗଦାନ ଏକ ମହତ ଦାନ। ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତ୍ତି ନେଇ ଅଙ୍ଗଦାନ ପାଇଁ ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସେହିପରି ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ୨୦୨୦ରୁ ସୁରଜ ପୁରସ୍କାର ଆରମ୍ଭ କରିଛନ୍ତି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ସଡକ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଅଙ୍ଗଦାନ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ଏହାଦ୍ୱାରା ଜଣେ ବ୍ୟକ୍ତି ମୃତ୍ୟୁ ପରେ ଅମର ରହିଥାଏ। ଅନେକ ସମୟରେ ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ ଦାନ ହୋଇଥିବା ମୃତଦେହର ଅଙ୍ଗପ୍ରତ୍ୟଙ୍ଗ ଓ ମୃତଦେହ ଉପରେ ଅଧ୍ୟୟନ କରିଥାନ୍ତି।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**
**ମୋ-୯୯୩୮୧୧୩୨୨୬**

### ଏହି ସପ୍ତାହ, ସେହି ବର୍ଷ (ସେପ୍ଟେମ୍ବର ୨୯ - ଅକ୍ଟୋବର ୫)

### ଏଇ ସପ୍ତାହ

**ସେପ୍ଟେମ୍ବର ୨୯, ୧୯୧୩-** ଡିଜେଲ୍ ଇଞ୍ଜିନ୍‌ର ଆବିଷ୍କାରକ ରୁଡଲ୍ଫ ଡିଜେଲଙ୍କର ନିଧନ ହୋଇଥିଲା।




**ସେପ୍ଟେମ୍ବର ୩୦, ୧୯୯୩-** ମହାରାଷ୍ଟ୍ରରେ ହୋଇଥିବା ଭୂମିକମ୍ପ କାରଣରୁ ୨୦,୦୦୦ ଲୋକ ମୃତ୍ୟୁବରଣ କରିଥିଲେ।



**ଅକ୍ଟୋବର ୧, ୧୯୪୯-**ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ଶାସନ ଆରମ୍ଭ ହୋଇଥିଲା।




**ଅକ୍ଟୋବର ୨, ୧୮୬୯-**ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ।




**ଅକ୍ଟୋବର ୩, ୧୯୫୨-**ବ୍ରିଟେନ୍ ପ୍ରଥମ ପରମାଣୁ ପରୀକ୍ଷଣ କରିଥିଲା ଯାହାର ନାମ ଦିଆଯାଇଥିଲା 'ହରିକେନ୍'।



**ଅକ୍ଟୋବର ୪, ୧୯୫୭-**ସୋଭିଏତ୍ ସଂଘ ପ୍ରଥମ ଉପଗ୍ରହ 'ସ୍ପୁଟନିକ୍' ସଫଳତାପୂର୍ବକ ଅନ୍ତରୀକ୍ଷକୁ ପଠେଇଥିଲା।



**ଅକ୍ଟୋବର ୫, ୧୯୪୬-**ପ୍ରଥମ କାନ୍ସ ଫିଲ୍ମ ସମାରୋହର ସ୍ଥାପନା ହୋଇଥିଲା।



# ଓଡ଼ିଶାରେ ରଙ୍ଗମଞ୍ଚ ଓ କଳାବିକାଶ କେନ୍ଦ୍ର

ନାଟ୍ୟସାରଥି ଅଭୟ କୁମାର ଦାସ



ଉତ୍କଳୀୟ ମଞ୍ଚର ପ୍ରାଚୀନତାର ନିଦର୍ଶନ ଆମେ ପାଇଥାଉ ଉଦୟଗିରିର ରାଣୀଗୁମ୍ଫାରେ ଥିବା ସମ୍ରାଟ ଖାରବେଳଙ୍କର ଏକ ଶିଳାଲିପି ଓ ଖୋଦିତ ଚିତ୍ରରୁ। ଖ୍ରୀଷ୍ଟିୟ ନବମ ଶତାବ୍ଦୀରୁ ଉତ୍କଳୀୟ ସଂସ୍କୃତ ରଙ୍ଗମଞ୍ଚ ବିକାଶର ନିଦର୍ଶନ ଆମେ ପାଇଥାଉ। ମୁରାରୀ ମିଶ୍ର ଅନର୍ଘ ରାଘବ ନାଟକ ଲେଖି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ତାହା ମଞ୍ଚସ୍ଥ କରିଥିଲେ। ଜାତିର କଳାସଂସ୍କୃତିର ପରିଚୟ ମିଳିଥାଏ ତାର ରଙ୍ଗମଞ୍ଚରୁ ସେଇଥିପାଇଁ କୁହାଯାଏ 'ଏ ନେସନ ଇଜି ନୋନ୍ ବାୟ ଇଟସ୍ ଥିଏଟର'। ନାଟ୍ୟ ଶାସ୍ତ୍ର ପ୍ରଣେତା ଭରତ ତିନି ପ୍ରକାର ମଞ୍ଚର ନିର୍ଦ୍ଦେଶ କରିଯାଇଛନ୍ତି। ସେଗୁଡ଼ିକ ହେଉଛି ବିକୃଷ୍ଟ, ଚର୍ତୁସ୍ର ଓ ତ୍ରସ୍ୟ। ଭାରତର ସର୍ବପ୍ରଥମ ରଙ୍ଗମଞ୍ଚ କଲିକତାରେ ୧୭୫୬ରେ ଗଢ଼ି ଉଠିଥିଲା। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ତାହା ହେଉଛି ସ୍ଥାୟୀ, ଅସ୍ଥାୟୀ ଓ ସୌଖିନର ରଙ୍ଗମଞ୍ଚ। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସ ଖୋଜିଲେ ୧୮୭୨ ମସିହାରେ କଟକ ମିଶନ ସ୍କୁଲରେ ଇଂରାଜୀ ନାଟକ ଅଭିନୀତ ହୋଇଥିବା ନେଇ ଉତ୍କଳ ଦୀପିକାରେ ବର୍ଣ୍ଣନା ହୋଇଛି। ତେବେ ୧୮୭୫-୭୬ ବେଳକୁ ଏଠାରେ ଏକ ଅସ୍ଥାୟୀ ମଞ୍ଚ ଗଠନ ହେବା ପରେ କଟକ ମ୍ୟୁନିସିପାଲଟି ହତାରେ ସର୍ବପ୍ରଥମେ ୧୮୭୬-୭୭ ସମୟରେ ବମ୍ବେର ପାର୍ସି ରିପନ ଓ ସାଙ୍ଗଲୀ ଥିଏଟର୍ସ ନାଟକ ପ୍ରଦର୍ଶନ କରିଥିଲେ। ତେବେ ୧୮୮୩ ବେଳକୁ ଧରାବାର ହିନ୍ଦୀ ଥିଏଟର୍ସ କମ୍ପାନୀ କଟକରେ ଏକ ରଙ୍ଗଶାଳା ନିର୍ମାଣ କରି ନାଟକ ଅଭିନୟ କରାଇଥିଲେ। ୧୮୮୧ରେ କାଞ୍ଚି କାବେରୀ ଓ ୧୮୮୨ରେ ମହୀଦାସ ବଜାରର ହାରାଧାନ ଘୋଷଙ୍କ ବାସଗୃହରେ ମଞ୍ଚସ୍ଥ ହୋଇଥିଲା ନାଟକ 'ବନମାଳା'। ସେହିପରି ୧୮୮୩ରେ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଗୃହରେ 'କଳିକାଳ', ୧୮୮୪ରେ ପୁରୀ ହିନ୍ଦୁ ଥିଏଟରରେ ମଞ୍ଚସ୍ଥ ହୋଇଥିଲା ନାଟକ 'ରାମାଭିଷେକ', ୧୮୮୫ରେ ଶ୍ରୀପଞ୍ଚମୀ ତିଥିରେ କଟକ ଜିଲ୍ଲାର କୋଠପଦା ଗ୍ରାମରେ ଏକ ସ୍ଥାୟୀ ମଞ୍ଚ ପ୍ରତିଷ୍ଠା ହୋଇ 'କାଞ୍ଚି କାବେରୀ' ପ୍ରଦର୍ଶିତ ହୋଇଥିଲା।

ବାରବାଟୀ କିଲ୍ଲା ଠାରେ ୧୮୭୭ରେ ନାଟକ 'ଇଂରାଜୀ', ୧୮୮୯ରେ କଟକର ରଘୁନାଥପୁର ଠାରେ ନାରାୟଣ ମିଶ୍ରଙ୍କ 'ସୀତା ବନବାସ' ପ୍ରଦର୍ଶିତ ହୋଇଥିଲା। ୧୮୮୯ରେ କଟକରେ ନାଟକ 'ପ୍ରହ୍ଲାଦ', ୧୮୮୭ରେ ମଧୁସୂଦନ ଦାସଙ୍କ ଘରେ ବଙ୍ଗଳା ନାଟକ 'ହରିଶ୍ଚନ୍ଦ୍ର' ଅଭିନୀତ ହୋଇଥିଲା। ୧୮୭୫ରେ କଳା ଓ ସାଧନାର କ୍ଷେତ୍ର ମାହାଙ୍ଗା ଠାରେ ଜଗମୋହନ ଲାଲା ରାଧାକାନ୍ତ ରଙ୍ଗମଞ୍ଚ ପ୍ରତିଷ୍ଠା କରି ଓଡ଼ିଆ ଓ ବଙ୍ଗାଳୀ ନାଟକ ଅଭିନୀତ କରାଉଥିଲେ। ତେବେ ୧୮୮୭ ବେଳକୁ ମଧୁସୂଦନ ଦାସଙ୍କ ଘରେ ସ୍ଥାୟୀ ମଞ୍ଚ ଓ କଟକର ପ୍ରଖ୍ୟାତ ଜମିଦାର ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନିଜ ଘରେ ନାଟକ ପାଇଁ ରଙ୍ଗମଞ୍ଚ ତିଆରି କରିଥିଲେ। କଟକର ବିନୋଦବିହାରୀରେ ୧୮୯୮ରେ 'ବୀଣାପାଣୀ ଥିଏଟର' ପ୍ରତିଷ୍ଠା ହୋଇଥିଲା। ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ଥାୟୀ ମଞ୍ଚ ୧୮୯୭ରେ ପ୍ରତିଷ୍ଠା ହୋଇଥିଲା ଏହାର ନାମ ଥିଲା 'ପଦ୍ମନାଭ ରଙ୍ଗାଳୟ' ସେହିପରି ପରବର୍ତ୍ତୀ ସମୟରେ ୧୯୧୦ ବେଳକୁ ଜମିଦାର କୁଞ୍ଜବିହାରୀ ଘୋଷଙ୍କ ଉଦ୍ୟମରେ ବାସନ୍ତୀ ରଙ୍ଗମଞ୍ଚ, କଟକର ବାଙ୍କା ବଜାରର ରଜନୀକାନ୍ତ ବିଶ୍ୱାଳଙ୍କ ଉଦ୍ୟମରେ ୧୯୧୩ରେ 'ଉଷା ପେଣ୍ଡାଲ' ଓ ପୁରୀ ଜିଲ୍ଲାର ବନମାଳି ପତିଙ୍କ ଉଦ୍ୟମରେ ୧୯୧୧ ମସିହାରେ ବଳଙ୍ଗା ଠାରେ ପ୍ରତିଷ୍ଠିତ ହୁଏ ଓଡ଼ିଶାର ପ୍ରଥମ ବ୍ୟବସାୟିକ ରଙ୍ଗମଞ୍ଚ 'ରାଧାକୃଷ୍ଣ ଥିଏଟର'। ସେହିପରି ୧୯୩୫ରେ ବ୍ରହ୍ମପୁରର ସାରଥି ସାହୁଙ୍କ ପ୍ରଚେଷ୍ଟାରେ 'ସାରଥି ଥିଏଟର' ୧୯୩୫ ମସିହାରେ ଗଢ଼ି ଉଠିଥିବାବେଳେ ସୋମନାଥ ଦାସଙ୍କ ପ୍ରଚେଷ୍ଟାରେ ୧୯୩୩ରେ 'ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ' ଓ ୧୯୪୫ରେ କଟକରେ 'ଅନ୍ନପୂର୍ଣ୍ଣ ବି ଗ୍ରୁପ' ମଞ୍ଚ ତିଆରି ହୁଏ। ଏହି ଅନ୍ନପୂର୍ଣ୍ଣା ଥିଏଟରଟି ୧୯୩୯ରେ ବଙ୍ଗଳା ନାଟ୍ୟକାର ଜଳନ୍ଧର ଚଟ୍ଟୋପାଧ୍ୟାୟଙ୍କ ନାଟକ 'ପିଡବ୍ଲୁଡ଼ି'ର ଓଡ଼ିଆ ଅନୁବାଦ ମଞ୍ଚସ୍ଥ କରିଥିଲେ।

୧୯୨୯ରେ କାଳୀଚରଣ ପଟ୍ଟନାୟକଙ୍କ 'ସାକ୍ଷୀଗୋପାଳ ନାଟ୍ୟ ସଂଘ', ୧୯୪୨ରେ କଟକ ମାଣିକଘୋଷ ବଜାରରେ 'ଭାରତୀୟ ଥିଏଟର', ୧୯୪୪ରେ 'ନ୍ୟୁ ଓଡ଼ିଶା ଥିଏଟର', ୧୯୪୧ରେ କଟକର ଧର୍ମଶାଳା ଠାରେ ଯୋଗୀନାଥ ପଣ୍ଡାଙ୍କ 'ଦୁର୍ଗାମଣି ଥିଏଟର', ୧୯୪୬ରେ ଜଗନ୍ନାଥ ମହାନ୍ତିଙ୍କ ପ୍ରଚେଷ୍ଟାରେ 'ଜଗନ୍ନାଥ ଥିଏଟର', ୧୯୪୬ରେ ବରଗଡ଼ର ଅପର୍ତ୍ତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ 'ନାଟ୍ୟ ମନ୍ଦିର', ୧୯୨୩ରେ ରଣପୁରରେ 'ରଣପୁର ରଙ୍ଗମଞ୍ଚ' ସେହିପରି କଟକର ବଡ଼େଇସାହିରେ 'ସୌଖିନୀ ରଙ୍ଗମଞ୍ଚ' ଭାବେ ୧୯୧୯ ମସିହାରେ 'ବୀଣାପାଣି କ୍ଲବ', ୧୯୨୨ରେ କାଠଗଡ଼ା ସାହିର 'ଉମାକାନ୍ତ ସମିତି', ୧୯୨୬ରେ 'ଅମଲା କ୍ଲବ', ୧୯୨୪ରେ 'ଜୁନିୟର ଆମେଚର କ୍ଲବ', ୧୯୨୮ରେ 'ପିଡବ୍ଲ୍ୟୁଡି କ୍ଲବ' ପ୍ରମୁଖ। ତେବେ ୧୯୪୬-୪୭ ସମୟରେ କଟକରେ 'ରୂପଶ୍ରୀ ଥିଏଟର' ସୁରେନ୍ଦ୍ରନାଥ ଦାସଙ୍କ ପରିଚାଳନାରେ ଗଢ଼ି ଉଠିଥିଲା। ୧୯୫୩ ଅକ୍ଟୋବର ୧୬ ତାରିଖରେ ସେ ସମୟରେ ବେଶ ନାଁ କମେଇଥିବା ରଙ୍ଗମଞ୍ଚ ଭାବେ 'ଜନତା ରଙ୍ଗମଞ୍ଚ' ଗଢ଼ି ଉଠିଥିଲା। ସେହିପରି ୧୯୬୬ ଅପ୍ରେଲ ୧୮ ତାରିଖରେ 'କଳାଶ୍ରୀ ଥିଏଟର' ଗଢ଼ି ଉଠିଥିଲା। ଓଡ଼ିଶାର ସୌଖିନ ନାଟ୍ୟ ସଂସ୍ଥା ଗୁଡ଼ିକ ମଧ୍ୟ ନାଟକକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିଛନ୍ତି। ୧୯୬୪ରେ କଟକର 'ସୃଜନୀ', ୧୯୭୦ରେ ଭୁବନେଶ୍ୱରର 'ସଂକେତ', ୧୯୬୫ରେ ରାଉରକେଲାର 'ଲାଇଫ ଆଣ୍ଡ ରିଦିମ୍', ୧୯୬୮ର 'କଳିଙ୍ଗ କଳାପରିଷଦ' ଓ କଟକର 'ଫ୍ରେଣ୍ଡସ ୟୁନିୟନ ୟୁନାଇଟେଡ ଆର୍ଟିଷ୍ଟ' ପ୍ରମୁଖ। ଓଡ଼ିଆର ନାଟକ, ଲୋକନାଟକ ଆମ ଜନଜୀବନର ବାସ୍ତବ ଜୀବନ ଚିତ୍ର।

ହଜାର ବର୍ଷର ପ୍ରାଚୀନ ସହର କଟକରେ ନୃତ୍ୟ ସଙ୍ଗୀତର ପ୍ରମୁଖ ଅନୁଷ୍ଠାନଟି ହେଉଛି କଳାବିକାଶ କେନ୍ଦ୍ର। ଅନେକ ହୁଏତ ଜାଣିନଥିବେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ଭାରତୀୟ ନୃତ୍ୟ ସଙ୍ଗୀତକୁ କଳାପ୍ରେମୀଙ୍କ ନିକଟରେ ଆଦୃତ କରିବା ପାଇଁ ୧୯୫୨ ମସିହା ଅଗଷ୍ଟ ୧୦ ତାରିଖରେ ସର୍ବପ୍ରଥମେ ଓଡ଼ିଆ ବଜାରରେ ଗୋଟିଏ ଭଡ଼ା ଘରେ କଳାବିକାଶ କେନ୍ଦ୍ର ସ୍ଥାପିତ ହୋଇଥିଲା। ସେ ସମୟରେ ମାସିକ ଭଡ଼ା ଥିଲା ୨୫ଟଙ୍କା। ବିଧିବଦ୍ଧ ଭାବେ ଏହାର ପଞ୍ଜୀକରଣ ତଥା ସମ୍ବିଧାନ ତିଆରିର ପ୍ରସ୍ତୁତି କରିଥିଲେ ଗୋବିନ୍ଦ ଦାସ, ବାଙ୍କବିହାରୀ ଦାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ। ଦିନକୁ ଦିନ ସଙ୍ଗୀତ ଓ କଳାର ଆଦର କରୁଥିବା ପିଲାମାନଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଏହା ରାଣୀହାଟର ଅନ୍ୟ ଏକ ଭଡ଼ା ଘରକୁ ସ୍ଥାନାନ୍ତରିତ ହେଲା ଏବଂ ଏହାର ମାସିକ ଭଡା ରହିଲା ୨୫୦ ଟଙ୍କା। ଦୁଇମହଲା ବିଶିଷ୍ଟ ଏହି କୋଠା ଘରେ କଳାବିକାଶ କେନ୍ଦ୍ରର ଶିକ୍ଷାଦାନ କାର୍ଯ୍ୟକ୍ରମ ପରିଚାଳିତ ହେଲା। କଳାବିକାଶ କେନ୍ଦ୍ରର ମୂଳ ସଂସ୍ଥାପକ ବାବୁଲାଲ ଯୋଶୀ ୧୯୫୭ ମସିହାରେ ମିଶନ ରୋଡ଼ର ୟୁନିୟନ କ୍ଲବ ସନ୍ନିକଟ ସେ ସମୟରେ ଜଙ୍ଗଲିଆ ଜମି ଭାବେ ପରିଚିତ ଚଉଦଗୁଣ୍ଠ ଜାଗାକୁ ମାତ୍ର ଚାରିଶହ ଟଙ୍କାର ବିନିମୟ ମୁଦ୍ରା ଦ୍ୱାରା ହସ୍ତଗତ ହୋଇଥିଲା। ତତ୍କାଳୀନ କଳାପ୍ରେମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ସ୍ଥାନଟିକୁ ଲିଜ ସୂତ୍ରରେ ପ୍ରଦାନ କରିଥିଲେ। ସେ ସମୟରେ କଟକର ଜିଲ୍ଲାପାଳ ସର୍ଦ୍ଦାର



ଅମର ସିଂହ। ୧୯୫୮ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ନିଜସ୍ୱ ଲୋକାଲ ଡେଭଲପମେଣ୍ଟ ଫଣ୍ଡରୁ ଦଶ ହଜାର ଟଙ୍କା କଳାବିକାଶ କେନ୍ଦ୍ରର ଗୃହ ନିର୍ମାଣର ଶିଳାନ୍ୟାସ ପାଇଁ ପ୍ରଦାନ କରିଥିଲେ। ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କ ସହଯୋଗରେ ପ୍ରଖ୍ୟାତ ଡୁଗଲ କମ୍ପାନୀ ଚାରି ହଜାର ଟଙ୍କାର ଇଟା ସହଯୋଗ ସ୍ୱରୂପ ପ୍ରଦାନ କରିଥିଲେ। କଟକ କଳାବିକାଶ କେନ୍ଦ୍ରର ପ୍ରଥମ ସଭାପତି ଥିଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ପ୍ରଥମ ସମ୍ପାଦକ ଥିଲେ ବିଶ୍ୱନାଥ ରାଓ। ସେ ସମୟରେ ବର୍ତ୍ତମାନର ସୁବିଖ୍ୟାତ ନୃତ୍ୟଗୁରୁ ମାୟାଧର ରାଉତ ମାତ୍ର ପନ୍ଦର ଟଙ୍କା ଦରମା ବିନିମୟରେ ନୃତ୍ୟ ଶିକ୍ଷା ଦେଉଥିଲେ। କେଳୁଚରଣ ମହାପାତ୍ର ମଧ୍ୟ ମାସିକ କୋଡିଏ ଟଙ୍କା ଦରମାରେ ଶିକ୍ଷା ପ୍ରଦାନ କରୁଥିଲେ। ରାଖାଲ ଚନ୍ଦ୍ର ମହାନ୍ତି କେନ୍ଦ୍ରରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ହିସାବରେ ମଧ୍ୟ କର୍ତ୍ତବ୍ୟରତ ଥିଲେ। କେନ୍ଦ୍ରର ଅନ୍ୟତମ ଶିକ୍ଷକ ଭାବେ ବାଳକୃଷ୍ଣ ଦାଶ କାର୍ଯ୍ୟରତ ଥିଲେ। ସେ ସମୟରେ ଓଡ଼ିଶାର ଏକମାତ୍ର ଓ ପ୍ରମୁଖ ଅନୁଷ୍ଠାନ ଭାବେ କଳାବିକାଶ କେନ୍ଦ୍ର ଓଡ଼ିଶୀ ନୃତ୍ୟ ଓ ଗୀତର ବିଧିବଦ୍ଧ ଚାରିବର୍ଷିଆ ପାଠ୍ୟକ୍ରମ ତିଆରି କରିଥିଲା। ସର୍ବପ୍ରଥମେ ୧୯୫୩ରୁ ୧୯୫୪ ଶିକ୍ଷା ବର୍ଷରେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, ନୀଳମାଧବ ବୋଷ, ଦୟାନିଧି ଦାସ ଓ ଅନେକ ପ୍ରମୁଖ ଶିକ୍ଷା ଗୁରୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଗୀତରେ ଚାରି ବର୍ଷିଆ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା।

କଳାବିକାଶ କେନ୍ଦ୍ରର ସେ ସମୟର ବିଶେଷକରି ପ୍ରଥମ ପାଠ୍ୟକ୍ରମ ବ୍ୟାଚର କଥା ସମ୍ପର୍କରେ ଉଲ୍ଲେଖ କରୁଛୁ। ଆଜିର ପ୍ରସିଦ୍ଧ ସଂଗୀତ ସାଧକ ଭାବେ ସ୍ୱୀକୃତ ପାଇଥିବା ରାଖାଲ ଚନ୍ଦ୍ର ମହାନ୍ତି, ଭିକାରୀ ଚରଣ ବଳ, ଅର୍ଜ୍ଜୁନ ଚରଣ ସାମଲ, ରଘୁନାଥ ନନ୍ଦ, ଅକ୍ଷୟ ମହାନ୍ତି, ଡକ୍ଟର ମନୋରଞ୍ଜନ ପୃଷ୍ଟି, ନବୀନ ଚନ୍ଦ୍ର ପଟ୍ଟନାୟକ ଓ ଇନ୍ଦିରା ରାୟ ପ୍ରମୁଖ ହେଉଛନ୍ତି ପ୍ରମୁଖ ପାଠ୍ୟକ୍ରମର ଛାତ୍ରଛାତ୍ରୀ। ସେହିପରି କେନ୍ଦ୍ରର ପ୍ରଚେଷ୍ଟାରେ ମାୟାଧର ରାଉତଙ୍କୁ ଓ ନବଘନ ମିଶ୍ରଙ୍କୁ ତତ୍କାଳୀନ ମାନ୍ଦ୍ରାଜର କଳାକେନ୍ଦ୍ର ଓ ଲକ୍ଷ୍ନୌର ମରିସ କଲେଜକୁ ନୃତ୍ୟ ଓ ବେହେଲାରେ ଉଚ୍ଚଶିକ୍ଷା ପାଇଁ ପଠାଯାଇଥିଲା। ଶ୍ରୀମତୀ କୁମକୁମ ମହାନ୍ତି କଳାବିକାଶ କେନ୍ଦ୍ରର ଛାତ୍ରୀ। କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଂଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଂଗୀତ, ଭାଓଲିନ, ଗୀତାର, ତବଲା, ସୁଗମ ସଙ୍ଗୀତ ପରି ସାତଟି ବିଭାଗ ରହିଛି। ସେହିପରି ୧୯୮୪ ମସିହାରୁ ଚାରି କଳା ଶିକ୍ଷା ନିମିତ୍ତ ଚମ୍ପକ ଲାଲ ମେହେଙ୍ଗା ଚାରୁ କଳା କେନ୍ଦ୍ର ସ୍ଥାପିତ ହୋଇଛି। ଏସବୁ ପାଠ୍ୟକ୍ରମର ସମୟ ସୀମା ହେଉଛି ଛଅ ବର୍ଷ।

ସ୍ୱାଧୀନତା ପାଇବା ପରେ ଓଡ଼ିଶୀ ନୃତ୍ୟ ସଂଗୀତର ହଜିଯାଇଥିବା ଗୌରବକୁ ପୁଣି ଫେରାଇ ଆଣି ଓଡ଼ିଶାର ସାଂସ୍କୃତିକ ପୁର୍ନଜାଗରଣର ଏକ ଉତ୍କୃଷ୍ଟ ଗବେଷଣା କେନ୍ଦ୍ର ହେଉଛି କଳାବିକାଶ କେନ୍ଦ୍ର। ଏଠାରେ କର୍ମଜୀବୀ ମହିଳାଙ୍କ ରହଣି ପାଇଁ ତୃପ୍ତିଘୋଷ କର୍ମଜୀବୀ ମହିଳା ନିବାସ ରହିଛି। କେନ୍ଦ୍ରର ନୃତ୍ୟରେ ବିଶେଷ ପାରଦର୍ଶିତା ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଚ୍ଚତର ତାଲିମ କାର୍ଯ୍ୟକ୍ରମ ଗ୍ରହଣ କେନ୍ଦ୍ର ରହିଛି ଏହି କେନ୍ଦ୍ର ତରଫରୁ ବିଭିନ୍ନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥାଏ। କଳାବିକାଶ କେନ୍ଦ୍ରରେ ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ବ୍ୟବହୃତ ଓ ବିଶେଷ ପ୍ରକାର ବାଦ୍ୟ ଯନ୍ତ୍ର, ବେଶ ପୋଷକ ଅଳଙ୍କାର ଓ ଅନ୍ୟାନ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ କଳା ସାମଗ୍ରୀର ଏକ ଛୋଟ ସଂଗ୍ରାହଳୟ ରହିଛି। କଳାବିକାଶ କେନ୍ଦ୍ର ଟ୍ରଷ୍ଟ ଅଧୀନରେ ଏକ ପରାମର୍ଶ ଦାତା କମିଟି ଦୈନନ୍ଦିନ ସମସ୍ତ କାର୍ଯ୍ୟ ପରିଚାଳନା କରିଥାଏ। କଳାବିକାଶ କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ବାବୁଲାଲ ଯୋଶୀଙ୍କ ସେପ୍ଟେମ୍ବର ୨୫, ୧୯୮୩ ମସିହାରେ ପରଲୋକ ହୋଇଥିଲା। ୧୯୧୮ ମଇ ୩୧ ତାରିଖରେ ଗୁଜୁରାଟର ମହୁଆରେ ଜନ୍ମ ନେଇଥିବା ଏହି କଳାପ୍ରେମୀ ବ୍ୟକ୍ତି ଜଣଙ୍କ ସର୍ବପ୍ରଥମେ ଓଡ଼ିଶାର ମୋହନ ଗୋସ୍ୱାମୀଙ୍କ ରାହାସ ଦଳ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟରର ନାଟକ ଦେଖି ଆକୃଷ୍ଟ ହୁଅନ୍ତି ଓଡ଼ିଶାରେ ଏକ କଳା ପ୍ରତିଷ୍ଠାନ ଗଠନ କରିବା ପାଇଁ। ତାଙ୍କରି ସତ୍ୟନିଷ୍ଠ ଓ ସଂକଳ୍ପପୂର୍ଣ୍ଣ ସାଧନା ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ସାଧନା ଏପରି ତୀବ୍ର ଥିଲା ଯେ ଯାହା ଏକ ଲେଖନୀ ଜଣାପଡ଼ିଛି ଏହି କଳାବିକାଶ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଓ ସମ୍ବଳର ଅଭାବ ଥିବାରୁ ସେ ଏକ ପ୍ରକାର ବଜ୍ର ଶପଥ ନେଇଥିଲେ ଯେ ଯେଉଁ ପର୍ଯ୍ୟନ୍ତ କେନ୍ଦ୍ରର ଗୃହ ନିର୍ମାଣ ନ ହୋଇଛି ସେ ପର୍ଯ୍ୟନ୍ତ ମୁଁ ଆଦୌ ଯୋତା ମାଡ଼ିବି ନାହିଁ କି ଗଦିରେ ଶୋଇବି ନାହିଁ ଏବଂ ପ୍ରତିଦିନ ଅନ୍ତତଃ ପକ୍ଷେ କେନ୍ଦ୍ରର ନିର୍ମାଣ ପାଇଁ ଶହେଟଙ୍କା ସହଯୋଗ ରାଶି ସଂଗ୍ରହ କରିବି। ଏହିପରି ଭାବରେ ସେ ସମର୍ପିତ ଭାବନା ନେଇ କଳାବିକାଶ କେନ୍ଦ୍ର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୬୧ ମସିହା ବେଳକୁ ରାଜସ୍ୱ ବିଭାଗର ସଚିବ ଥିବା ଏସ.କେ. ଘୋଷ ସହଯୋଗ ପ୍ରଦାନ କରି ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସଦାଶିବ ତ୍ରିପାଠୀ ସରକାରୀ ଜାଗା ପାଇଁ ଲିଜ ସୂତ୍ର ନିମିତ୍ତ ସହଯୋଗ ରଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ତାଙ୍କ ପତ୍ନୀ ତୃପ୍ତୀ ଘୋଷ ଥିଲେ କଳାବିକାଶ କେନ୍ଦ୍ରର ଜଣେ ସଭ୍ୟା। କଳାବିକାଶ କେନ୍ଦ୍ର କେବଳ ଓଡ଼ିଶାର ନୃତ୍ୟ କଳା କେନ୍ଦ୍ରର ଏକ ପ୍ରମୁଖ କ୍ଷେତ୍ର ନହଁ ବରଂ ଏହା ବିଶ୍ୱର କଳା ଓ ଗୌରବ କୃତୀ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ।

**ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**
E-mail : abhaya123das@gmail.com

■ ବିବିଧ

# ଇତିହାସ ଆଇନାରେ 'ବାଇସ୍କୋପ୍'





ନୂଆ ଯୁଗର ନୂଆ ସକାଳରେ ଯେତେବେଳେ ମନୁଷ୍ୟର ଚିତ୍ତବିନୋଦନ ନିମନ୍ତେ ହାତ ପାହାନ୍ତାରେ ଟେଲିଭିଜନ, ମଲ୍ଟିପ୍ଲେକ୍ସ , ଇଣ୍ଟରନେଟ୍, ଡିଭିଡି, ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ବହୁକିଛି ଉପଲବ୍ଧ, ସେହି ସମୟରେ କିଏ କଅଣ ଚିନ୍ତା କରି ପାରିବ କି ସେ କାଳର କ୍ଷୁଦ୍ର 'ବାଇସ୍କୋପ୍' କଥା ଯାହାକି ବହୁକାଳ ଧରି ଖୁବ କମ ପଇସାରେ ଛୋଟ ପିଲା ଓ ବଡମାନଙ୍କ ମନୋରଞ୍ଜନର ଏକମାତ୍ର ସାଧନ ଥିଲା ! ପୁନଶ୍ଚ ଏଥିରେ ଚିତ୍ର ସହିତ ସଂଗୀତର ବ୍ୟବସ୍ଥା ଥିବାରୁ ସେ ସମୟରେ ଏହା ଲୋକପ୍ରିୟତାର ଶୀର୍ଷରେ ଥିଲା। ସେଦିନରେ ସାହି କିମ୍ବା ଘର ନିକଟକୁ 'ବାଇସ୍କୋପ୍' ବାଲା ଆସିଛନ୍ତି ଶୁଣି ଛୋଟ ପିଲାଙ୍କର ଧାଡି ଲାଗି ଯାଉଥିଲା। ଏଭଳି ଦୃଶ୍ୟ କେବଳ ସହର ବଜାରରେ ନୁହଁ ଗ୍ରାମମାନଙ୍କରେ ମଧ୍ୟ ଦେଖିବାକୁ ମିଳୁଥିଲା। ଆଜି କିନ୍ତୁ ବହୁତ ପିଲା ଏଭଳି ଅଛନ୍ତି ଯେଉଁମାନେ 'ବାଇସ୍କୋପ୍'ର ନାମ ସୁଦ୍ଧା ଶୁଣି ନଥିବେ। ସମୟ ଚକ୍ରରେ 'ବାଇସ୍କୋପ୍' ଆଜି ସହର ବଜାରରୁ ସଂପୂର୍ଣ୍ଣ ଲୋପପାଇ କେବଳ କେତେକ ଦୂରବର୍ତ୍ତୀ ଗ୍ରାମାଞ୍ଚଳରେ ସୀମାବଦ୍ଧ ରହିଯାଇଛି।

'ବାଇସ୍କୋପ୍' ମେସିନରେ ଗୋଟିଏ ଛୋଟ ଓ ଅଳ୍ପ ଓ ୱାଟ୍‌ର ବଲବ ସହିତ ହାତରେ ଚାଲୁଥିବା ପ୍ରୋଜେକ୍ଟର ସିନେମା ରିଲ୍ ପଛପଟେ ରଖାଯାଇଥାଏ। ହାତରେ ମେସିନ ବୁଲାଇବା ବେଳେ ରିଲ୍ ଚାଲିଲେ 'ବାଇସ୍କୋପ୍' ସମ୍ମୁଖରେ ଲାଗିଥିବା ଖୋପ ଗୁଡିକରେ ଥିବା ଲେନ୍ସ ଦ୍ୱାରା ଦେଖୁଥିବା ବ୍ୟକ୍ତି ସଙ୍ଗୀତ ସହିତ ଦୃଶ୍ୟର ମଜା ସିନେମା ଭଳି ଅନୁଭବ କରିଥାଆନ୍ତି।





କିଛିବର୍ଷ ତଳେ ରାଜଧାନୀ ଦିଲ୍ଲୀର ସର୍ବସାଧାରଣ ପ୍ରଦର୍ଶନ ସ୍ଥଳ ଯଥା ଇଣ୍ଡିଆ ଗେଟ୍ ,ଦିଲ୍ଲୀ ହାଟ କିମ୍ବା ପ୍ରଗତି ମଇଦାନରେ କେବେ କେବେ ଏହି 'ବାଇସ୍କୋପ୍'ବାଲାଙ୍କୁ ଦେଖିବାକୁ ମିଳଥିଲା। ଏବେ ଦିଲ୍ଲୀ ସହରତଳି 'କାଠ ପୁତୁଲୀ' କଲୋନୀର ଏକ ବସ୍ତିରେ କେତେଜଣ 'ବାଇସ୍କୋପ୍'ବାଲା ତାଙ୍କର ପରିବାର ସହ ରହୁଛନ୍ତି, ଯେଉଁମାନେ ଏହି ପାରମ୍ପରିକ ବୃତ୍ତିକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି। ଏହି ବସ୍ତିରେ ଦେଶ ସ୍ୱାଧୀନ ହେବା ପରେ ୮୦୦ରୁ ଊର୍ଦ୍ଧ୍ୱ କଳାକାର ପରିବାର ରହଥିଲେ। ଏମାନଙ୍କ ଭିତରୁ ୬୦୦ କଳାକାର ବିଭିନ୍ନ ସମୟରେ ବିଦେଶରେ ଆୟୋଜିତ ବିଭିନ୍ନ ଉତ୍ସବ ଓ ମେଳାରେ ଆମ ଦେଶର ପ୍ରତିନିଧିତ୍ୱ କରିଛନ୍ତି। ସେମାନଙ୍କ ଭିତରୁ ଏବେ ମାତ୍ର ଅଳ୍ପ କେତୋଟି ପରିବାର ଏହି 'ବାଇସ୍କୋପ୍' ମେସିନ ସାଇତି ରଖିଛନ୍ତି। ବୃତ୍ତିଗତ ଆୟ ଅଭାବରେ ସେମାନଙ୍କ ମଧ୍ୟରୁ ଅନେକ ଏବେ ଦିନ ମଜୁରିଆ ସମେତ ଅନ୍ୟାନ୍ୟ ଧନ୍ଦାରେ ରହି ପରିବାର ପୋଷଣ କରୁଛନ୍ତି। ଜଗଦିଶ ନାମକ ଜଣେ କଳାକାର କହୁଥିଲେ, 'ଏହି ବ୍ୟବସାୟରେ ଆୟ ନଥିବାରୁ ସେ ଡ୍ରାଇଭର ଭାବରେ କାମ କରି ପେଟ ପୋଷୁଛି। ସିନେମା ମେସିନ(ପୋଜେକ୍ଟର) ପାଖରେ ଅଛି ଯଦ୍ଦ୍ୱାରା ବଳକା ସମୟରେ ସୋ' ପ୍ରଦର୍ଶନ କରି କିଛି ରୋଜଗାର କରୁଛନ୍ତି। ପୂର୍ବରୁ ଏହି କ୍ଷୁଦ୍ର ମେସିନଟିର ଆୟରୁ ତାଙ୍କର ବାପା ଘର ଚଳେଇ ପରିବାରର ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟ ପୂରଣ କରିପାରୁ ଥିଲେ। ଏବେ ସେ ଅବସ୍ଥା ନାହିଁ।'

ଅଧିକାଂଶ କଳାକାରଙ୍କ ଘରେ 'ବାଇସ୍କୋପ୍'ର ପ୍ରୋଜେକ୍ଟର ଏବେ ଅକାମି ହୋଇ ପଡି ରହିଛି। ବେଳେ ବେଳେ ପାଖ ପଡିଶାରେ କିଛି ମେଳା, ମହୋତ୍ସବ, ବିବାହ ଆଦି ସମୟରେ କାମ ମିଳି ଯାଉଛି। ସମୟ ସମୟରେ ସୂରଜ କୁଣ୍ଡ କିମ୍ବା ପିଞ୍ଜୋର ଗାର୍ଡନକୁ ସୋ କରିବା ପାଇଁ ଚାଲି ଯାଆନ୍ତି। ଆଗେ ଦିଲ୍ଲୀ ହାଟରେ 'ବାଇସ୍କୋପ୍'ରୁ ଭଲ ରୋଜଗାର ହେଉଥିଲା। ଏବେ କିନ୍ତୁ ୧୫ ଦିନର ମାହାସୁଲ ବାବଦକୁ ୫ ହଜାର ଟଙ୍କା ଦେବାକୁ ପଡୁଛି। ଏତେ ଟଙ୍କାର ରୋଜଗାର ଥିଲେ ତ ? ଛୋଟ ପିଲାମାନଙ୍କୁ ଆକର୍ଷିତ କରିବା ପାଇଁ ମେସିନରେ ସାଉଣ୍ଡ ସିଷ୍ଟମ୍ ଯୋଗ କରିବାକୁ ହେଲେ ଅତିକମରେ ୧୦ ହଜାର ଟଙ୍କା ଖର୍ଚ୍ଚ ହେବ। ଧାର କରଜ କରି ଆଣିଲେ ମଧ୍ୟ ରୋଜଗାର ହେବନାହିଁ। ବର୍ତ୍ତମାନ ଦିନମାନଙ୍କରେ ଦୈନିକ ୨ଶହ ଟଙ୍କା ରୋଜଗାର ହେଲେ ବହୁତ ବେଶି। ସେଥିରୁ ମାହାସୁଲ ଦେବେ କିପରି ?

ପ୍ରଥମେ ଭାରତରେ 'ବାଇସ୍କୋପ୍'୧୮୯୬ ମସିହାରେ କଲିକତାକୁ ଆସିଥିଲା। କଲିକତାର ଜଣେ ବାସିନ୍ଦା ହିରାଲାଲ ସେନ ନିଜ ଉଦ୍ୟମ ଓ ଜ୍ଞାନରେ ବିଭିନ୍ନ ଯନ୍ତ୍ରପାତି କିଣି ଏକ 'ବାଇସ୍କୋପ୍' ମେସିନ ତିଆର କରିଥିଲେ ଏବଂ ଏହାକୁ କଲିକତାର ମିନର୍ଭା, ଷ୍ଟାର ଓ କ୍ଲାସିକ ଥିଏଟର ହଲରେ ପ୍ରଦର୍ଶନ କରିଥିଲେ। ସ୍ୱାଭାବିକ ଭାବେ ଏଭଳି ନୂଆ ଶୈଳିରେ ସିନେମା ଦେଖି ଦର୍ଶକ ମାନେ ଏହାକୁ ପସନ୍ଦ କରିଥିଲେ। ଫଳତଃ ୧୮୯୮ମସିହାରେ ହିରାଲାଲ ସେନ, ମାଟିଲାଲ ସେନ, ଦେବୋକୀ ଲାଲ ସେନ ଓ ଭୋଳାନାଥ ଗୁପ୍ତ ଏକାଠି 'ଦି ରୟାଲ 'ବାଇସ୍କୋପ୍' କମ୍ପାନୀ' ସ୍ଥାପନ କରି କଲିକତାରେ ଏହାର ପ୍ରଦର୍ଶନ ଆରମ୍ଭ କରିଥିଲେ। ଏହାପରେ ଅନେକ ଗୁଡିଏ ମେସିନ ତିଆର କରି ସେମାନେ କଲିକତାର ବିଭିନ୍ନ ସ୍ଥାନ, ଭୋଲା, ଯାଦବପୁର, ବଙ୍ଗଳା ଦେଶ, ବିହାର ତଥା ଆସାମରେ 'ବାଇସ୍କୋପ୍' ସୋ' ଚଲାଇଥିଲେ। ଏହି କମ୍ପାନୀ ୧୯୧୧ ମାର୍ଚ୍ଚରେ ଢାକାର ଏହସାନ ମଞ୍ଜିଲଠାରେ ସୋ' କରିବା ପରେ ଏହାର ବହୁଳ ପ୍ରଚାରିତ ହୋଇଥିଲା।

ଏହା ଥିଲା ବାଇସ୍କୋପର ସଂକ୍ଷିପ୍ତ କାହାଣୀ। ଏବେ କିନ୍ତୁ ସେ କାଳର 'ବାଇସ୍କୋପ୍' ଇତିହାସ ହେବାକୁ ଯାଉଅଛି।

**ପ୍ରସନ୍ନ କୁମାର ମିଶ୍ର, ପୁରୀ-୨**
**ମୋ : ୮୦୧୮୮୭୫୩୩୫**



ଅ ପେ ରା ଆ ଇ ଟ ମ୍

ଶ୍ରୀଗୋବିନ୍ଦ

ଯାତ୍ରା କଥା:

## ନାଟକ ବିନା ମୋ ଜୀବନ ଶୂନ୍ୟ:

# ନିର୍ଦ୍ଦେଶକ ଦିନେଶ ଦାସ

ନାଟକ ମୋର ପେସା, ନିଶା, ବେଉସା। ମାଛ ଯେମିତି ପାଣି ବିନା ବଞ୍ଚିପାରିବ ନାହିଁ, ମୁଁ ସେମିତି ନାଟକକୁ ଛାଡ଼ି ବଞ୍ଚି ପାରିବି ନାହିଁ। ନାଟକ ମୋ ଶିରାପ୍ରଶିରାରେ ରକ୍ତ ପ୍ରବାହିତ ହେଲା ପରି ମୋ ଜୀବନ ତନ୍ତ୍ରୀକାରେ ଯୋଡ଼ି ହୋଇ ରହିଛି। ନାଟକ ବିନା ମୋ ଜୀବନ ଶୂନ୍ୟ। ମୁଁ ନାଟକକୁ ଯେତିକି ବୁଝେ, ନାଟକ ମଧ୍ୟ ମୋତେ ସେତିକି ବୁଝେଇ ଦିଏ ଜଣେ ନାଟୁଆର ସତ୍ତା। କେବେ ମୁଁ ନାଟକକୁ ଛାଡ଼ି ପାରିବି, ନା ନାଟକ ମୋତେ କେବେ ଛାଡ଼ି ପାରିବ। ଏହି ନ୍ୟାୟରେ ମୁଁ ଚାଲିଛି ଯେ ଚାଲିଛି, ପଛକୁ ଫେରି ଚାହିଁବାର ଅଭିଳାଷ କେବେ ରଖିନି। ଏହାଥିଲା ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସଙ୍କର ନାଟକ ଓ ନିଜ ଜୀବନକୁ ନେଇ ଅଭିବ୍ୟକ୍ତି। ନାଟକ କେମିତି ଛାଇ ପରି ଜୀବନ ସହିତ ରହିଗଲା ବୋଲି ପଚାରିବା ପରେ ସେ କହିଥିଲେ- ମୋ ବାପା ନିତ୍ୟାନନ୍ଦ ଦାସ ଥିଲେ ଜଣେ ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକ। ପିଲାଟି ଦିନରୁ ତାଙ୍କ ନାଟକ ନିର୍ଦ୍ଦେଶନା ଦେଖି ପ୍ରଭାବିତ ହୋଇଥିଲି। ମୁଁ ପିଲାଟି ବେଳୁ ନାଟକରେ ଅଭିନୟ କରୁଥିଲି। ଘରକୁ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ଠାରୁ ଆରମ୍ଭ କରି ନଟବର ସେଣ, ଦୁଃଖୀରାମ ସ୍ୱାଇଁ, ବାଞ୍ଛାନିଧି ଶତପଥୀଙ୍କ ପରି ବହୁ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱଙ୍କର ଯିବା ଆସିବା ଥାଏ। ମାଟ୍ରିକରେ ପାଠ ପଢ଼ିବାବେଳକୁ ମୁଁ ପ୍ରଥମେ ନାଟକ 'ଚାଳଘର ଝିଅ କୋଠାଘର ବୋହୂ'ର ନିର୍ଦ୍ଦେଶନା ଦେଇଥିଲି।



ସେତେବେଳେ ପ୍ରାୟ ପ୍ରତି ଗାଁରେ ଯାତ୍ରା ପରିବେଷଣ ହେଉଥିଲା। ଗାଁର କଳାକାରମାନେ ମାସ ମାସ ଧରି ନାଟକ ପ୍ରସ୍ତୁତ କରି ପରିବେଷଣ କରୁଥିଲେ। ମୁଁ ଗାଁ ଡ୍ରାମାରେ ନିର୍ଦ୍ଦେଶନା ଦେଇ ନିଜ ଅଜାଣତରେ ନିର୍ଦ୍ଦେଶକଟିଏ ପାଲଟିଯାଇଥିଲି। ଗ୍ରାଜୁଏସନ ପରେ ମୁଁ ବିଭିନ୍ନ ବେସରକାରୀ ନାଟକ ଅନୁଷ୍ଠାନରୁ ନାଟକ ଶିଖିବା, ନିର୍ଦ୍ଦେଶନା ଦେବା କାର୍ଯ୍ୟ କରିଥିଲି। ଏଥିପାଇଁ ମୁଁ ଓଡ଼ିଶା ଛାଡ଼ି ଦେଶର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇଥିଲି। ନାଟକକୁ ନେଇ ଅନେକ ପରୀକ୍ଷାନିରୀକ୍ଷା ମଧ୍ୟ କରିଛି। ସ୍ୱତନ୍ତ୍ର ତାଲିମ ନେଇଛି, ବିଭିନ୍ନ କର୍ମଶାଳାରେ ଯୋଗ ଦେଇଛି ଓ ନିଜକୁ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ ଗଢ଼ି ତୋଳିବାକୁ ଅନେକ ପ୍ରୟାସ କରିଛି। ନାଟକର ବ୍ୟାକରଣ, ତତ୍ତ୍ୱ ଜାଣିବା ସହିତ ନାଟକ ସମ୍ବନ୍ଧୀୟ ଅନେକ ପୁସ୍ତକ ପଢ଼ିବାର ସୁଯୋଗ ପାଇଛି। କେବେ ଓ କାହିଁକି ସୌଖୀନ ରଙ୍ଗମଞ୍ଚକୁ ଆପଣେଇନେଲେ ବୋଲି ପଚାରିବା ପରେ ସେ କୁହନ୍ତି-୨୦୦୦ ମସିହାରେ 'ଅଲ୍‌ଟର୍ନେଟିଭ ରିଦିମ୍ ଥିଏଟର' ନାମକ ଏକ ସଂସ୍ଥା ଗଢ଼ି ଅନେକ ନାଟକ ପ୍ରସ୍ତୁତ କରିଛି। କେବଳ ରାଜ୍ୟ କି ଦେଶ ନୁହେଁ ବିଦେଶରେ ମଧ୍ୟ ନାଟକ ପରିବେଷଣ କରିବାର ସୁଯୋଗ ପାଇଛି। ବର୍ତ୍ତମାନ ସୁଦ୍ଧା ୩୮ଟି ନାଟକ ନିଜେ ଲେଖିବା ସହ ନିର୍ଦ୍ଦେଶନା ଦେଇଛି, ଯାହା ରାଜ୍ୟ, ଜାତୀୟ ଏବଂ ବିଶ୍ୱସ୍ତରରେ ଅନେକ ସୁନାମ ଅର୍ଜନ କରିଛି। ଏହା ବ୍ୟତୀତ ଶହେରୁ ଊର୍ଦ୍ଧ୍ୱ ଏକମୂଖି ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେବା ସହିତ ମୋଟାମୋଟି ସମସ୍ତ ପ୍ରକାର ନାଟକକୁ ମିଶେଇଲେ ୩୦୦ରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇଥିବା କୁହନ୍ତି ଦିନେଶ।

ଦିନେଶ ନିଜେ ଲେଖି ନିର୍ଦ୍ଦେଶନା ଦେଇଥିବା ନାଟକ ମଧ୍ୟରେ ରହିଛି...ଅ ଆ ଇ, ମେଘଦୂତମ୍, ଛାଇ, ତୁଠପଥର, ପୁନଶ୍ଚ ସତ୍ୟାଗ୍ରହ, ପୌରଷ, ଅଧା ଅଧା, ଦେବଦାସୀ, ମୁକ୍ତି ସଳିତା, ବାଘ ନେଇଗଲା ଦୌଡ଼ିଆସ, ସିଢ଼ି, ଦୌଡ଼, ଗିରିଗିଟ୍ ଭଳି ନାଟକ। ସେ ମଧ୍ୟ ଚଷମା, ହୋପ୍, ସୃଷ୍ଟି ଭଳି ତିନୋଟି ବିଜ୍ଞାନ ନାଟକ ଲେଖି ଓ ନିର୍ଦ୍ଦେଶନା ଦେଇ ଭାରତ ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସାହିତ୍ୟ ଏକାଡେମୀ ଦ୍ୱାରା ମନୋନୀତ ହୋଇ 'ମେଞ୍ଚାଏ ଦୀର୍ଘଶ୍ୱାସ' ନାଟକ ମୁଦ୍ରଣ ହେବା ସହ ରାଜାରାମମୋହନ ରାୟ ଲାଇବ୍ରେରୀ ଅନୁଦାନରେ ସାରା ସ୍କୁଲ-କଲେଜକୁ ସରକାର ଯୋଗାଇ ଦେଇଛନ୍ତି। ୨୦୨୨ରେ କିନ୍ନରମାନଙ୍କ ଜୀବନ କାହାଣୀକୁ ନେଇ ପ୍ରସ୍ତୁତ କରିଥିବା ପରୀକ୍ଷାଧର୍ମୀ ନାଟକ 'ଅଧାଅଧା'କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ମୁଦ୍ରିତ କରିଛି।

୨୦୨୨/୨୩ ମସିହାରେ ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ରଙ୍କ ଅନୁପ୍ରେରଣାରେ ଯାତ୍ରାକୁ ପ୍ରବେଶ କରିଥିଲେ। ପ୍ରଥମେ ସେ ଯାତ୍ରା ରଙ୍ଗମହଲ ପାଇଁ ପୁରୁଷର ଦେହ ନାରୀର ମନ ନାଟକକୁ ନିଜେ ଲେଖିବା ଓ ନିର୍ଦ୍ଦେଶନା ଦେବା ସହ ନାଟକକୁ ସୁପରହିଟ୍ କରେଇ ପାରିଥିଲେ। ପୁରୁଷର ମନ ନାରୀରର ଦେହ ନାଟକ ସେତେବେଳେ ବେଶ ଚର୍ଚ୍ଚାକୁ ଆସିପାରିଥିଲା। ଚଳିତବର୍ଷ ସେ ଯାତ୍ରା ସିଂହବାହିନୀ ପାଇଁ ବଡ଼ ବେଦରଦୀ କଳାସାଆନ୍ତ ଓ କଳିଙ୍ଗର ହେ ଈଶ୍ୱର ମୋତେ ମୃତ୍ୟୁ ଦିଅ ନାଟକର ନିର୍ଦ୍ଦେଶନା ଦେଇ ବେଶ୍ ଚମକେଇ ଦେଇଛନ୍ତି, ଯାହାର ନାଟ୍ୟ ରଚନା କରିଛନ୍ତି ଡ.ଦୀପକ ଜେନା।

ଦିନେଶଙ୍କ ଜନ୍ମସ୍ଥାନ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ପଡା ଗ୍ରାମରେ ହୋଇଥିବାବେଳେ ବାପାଙ୍କର କର୍ମକ୍ଷେତ୍ର ଗୋବିନ୍ଦପୁର ଥିବା କାରଣରୁ ସ୍ଥାୟୀ ବାସିନ୍ଦା ଭାବେ ରହୁଥିଲେ ବି ସାରା ବିଶ୍ୱରେ ନାଟକକୁ ନେଇ ନିଜର ମହକ ବିଚ୍ଛୁରିତ କରିପାରିଛନ୍ତି। ସେ ପ୍ରସ୍ତୁତ କରିଥିବା ଓ ନିର୍ଦ୍ଦେଶନା ଦେଇଥିବା ନାଟକ ଆଜି ଓଡ଼ିଆ ଅସ୍ମିତାର ସ୍ୱାକ୍ଷର ବହନ କରେ। ନିଜର ଜାତି, ମାଟି, ସଂସ୍କୃତି ପାଇଁ ଓଡ଼ିଆ ନାଟକକୁ ଯେଉଁ ସ୍ଥାନରେ ପହଞ୍ଚେଇ ପାରିଛନ୍ତି, ତାହା ଅବିସ୍ମରଣୀୟ ହୋଇ ରହିବ। ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଜଣେ ପ୍ୟାନେଲ ଡାଇରେକ୍ଟର ଭାବରେ କାର୍ଯ୍ୟ କରିବା ସହ ଅନେକ କର୍ମଶାଳା, ପ୍ରଶିକ୍ଷଣ ଶିବିରରେ ନିଷ୍ଠାପର ସହ ନାଟକ ପାଇଁ ଯେଉଁସବୁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି, ସେଥିପାଇଁ ଓଡ଼ିଆ ଜାତି ସବୁଦିନ ପାଇଁ ମନେରଖିବ।



ତ୍ରୀଷା କୀଷ୍ଟନ୍

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ- 'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com